ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 52 | 25 - 31 December 2022 | Sambalpur | Page- 8 | Invitation Price Rs.10





## ପବିତ୍ର ବଡ ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



## ପବିତ୍ର ବଡ଼ଦିନ ଉପଲକ୍ଷେ ବାର୍ତ୍ତା




ପବିତ୍ର ବଡ ଦିନ ଉପଲକ୍ଷେ ମୁଁ ରାଜ୍ୟର ସମସ୍ତ ଜନସାଧାରଣ ବିଶେଷ କରି ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

'ବସୁଧୈବ କୁଟୁମ୍ବକମ୍' ଭାବକୁ ଅତୁଟ ରଖି ଆସନ୍ତୁ ସମସ୍ତେ ମିଶି ପ୍ରଭୁ ଯିଶୁଙ୍କର ଧରାବତରଣକୁ ଆନନ୍ଦ ଓ ଉଲ୍ଲାସ ସହକାରେ ପାଳନ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର





## ବଡ ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସପ୍ତଦଶ ଶତାବ୍ଦୀର ସମସ୍ୟାର ପ୍ରତିକାର ପାଇଁ ଆଇଆଇଏମ୍ ସମ୍ବଲପୁର ଲକ୍ଷ୍ୟ ରଖିଛି: ପ୍ରଫେସର ଜୟସ୍ୱାଲ

ବୁର୍ଲା : ଡିଜିଟାଇଲେଜେସନ୍, ଡିଜିଟାଇଜେସନ୍ ଏବଂ ବିକେନ୍ଦ୍ରୀକରଣକୁ ନେଇ ସପ୍ତଦଶ ଶତାବ୍ଦୀର ସମସ୍ୟାର ପ୍ରତିକାର ପାଇଁ ଆଇଆଇଏମ୍ ସମ୍ବଲପୁର ଲକ୍ଷ୍ୟ ରଖିଛି ବୋଲି ଏହାର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି । ଆଇଆଇଏମ୍ ଠାରେ ଭାରତର ଜି-୨୦ରେ ସଭାପତିତ୍ୱ ଅବସରରେ ଆୟୋଜିତ 'ବସୁଧୈବ କୁଟୁମ୍ବକମ୍' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଅଧକ୍ଷତା କରି ପ୍ରଫେସର ଜୟସ୍ୱାଲ କହିଛନ୍ତି ଯେ, ସପ୍ତଦଶ ଶତାବ୍ଦୀରୁ ଔପନିବେଶିକ, କୈନ୍ଦ୍ରିକ ଏବଂ କାର୍ବୋନାଇଜେସନ୍ ତତ୍ତ୍ୱକୁ ନେଇ ଶିକ୍ଷା ପରିଚାଳିତ ହେଉଥିଲା । ବର୍ତ୍ତମାନ ସେଥିରେ ବ୍ୟାପକ ପରିବର୍ତ୍ତନ ଆସିଛି । ସୁଯୋଗ ସମ୍ଭାବନାର ଉତ୍ପତ୍ତି ହୋଇଛି । ଜି-୨୦ରେ ବୌଦ୍ଧିକ ଶକ୍ତି ସମ୍ପନ୍ନ ସୁଯୋଗ ହାସଲ କରିବାକୁ ହେବ ବୋଲି ପ୍ରଫେସର ଜୟସ୍ୱାଲ କହିଥିଲେ ।



ଏଥିରେ ନ୍ୟୁଜର୍ସି ବେଲ୍ ଗବେଷଣାଗାରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅକ୍ଷୟ ଜାଜୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇ.-ଆଇଏମ୍ ସମ୍ବଲପୁର, ଭିସୁଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଭୃତି ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

୮ ପୃଷ୍ଠାରେ..


ସ୍ୱାସ୍ଥ୍ୟ ଉପକାରୀ ଲେମ୍ବୁ


ରୋଗ ଉପଶମ ପାଇଁ ମେଥି


ସ୍ୱାସ୍ଥ୍ୟ ପାଇଁ ଭଲ ଘିଅ


ଶରୀର ପାଇଁ ଉତ୍ତମ କାଜୁ


ଗର୍ଭବତୀଙ୍କ ପାଇଁ ପାଣି ଶିଙ୍ଗଡ଼ା


ବଥୁଆ ଶାଗର ଉପକାରିତା

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଭାରତରେ ଜାତୀୟ ସୁରକ୍ଷା ଉପରେ ବିତର୍କ: ଏକ ମାନବ ଦୃଷ୍ଟିକୋଣ' ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଡକ୍ଟର ଏନ୍. ନାଗାରାଜୁ ଏହାକୁ ଉଦ୍‌ଘାଟନ କରି ସୁରକ୍ଷାକୁ ଏକ ଜଟିଳ ପ୍ରସଙ୍ଗ ଭାବରେ ବ୍ୟାଖ୍ୟା କରିଥିଲେ । ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ)ର ପ୍ରଫେସର ଡକ୍ଟର ଅଶ୍ୱିନୀ ମହାପାତ୍ର ମୁଖ୍ୟ ଅତିଥି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ରାଜନୀତି ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପିକା ତଥା କାର୍ଯ୍ୟକ୍ରମର ଆବାହକ ଡକ୍ଟର ବନିତା ମହାନନ୍ଦିଆ ଅତିଥିଙ୍କ ପରିଚୟ ପ୍ରଦାନ ସହ ଆଲୋଚନାଚକ୍ରର ବିବରଣୀ ଉପସ୍ଥାପନା କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ଜ୍ଞାନ ରଞ୍ଜନ ସ୍ୱାଇଁ, କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପ-କୁଳସଚିବ ଡକ୍ଟର ଉମାଚରଣ ପତି ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସୁଶାନ୍ତ କୁମାର ଦାସ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଅବସରରେ ଆଲୋଚନାଚକ୍ରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ପତ୍ରିକା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ ପୋଷ୍ଟର ଉପସ୍ଥାପନା କରିଥିଲେ ।

ଡକ୍ଟର ଏସ୍.ପି ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ମୁଖ୍ୟ ବକ୍ତା ଭାବେ ସିଲଂ ସ୍ଥିତ ଉତ୍ତର-ପୂର୍ବାଞ୍ଚଳ ହିଲ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର ଆର୍.କେ ଶତପଥୀ ଯୋଗ ଦେଇଥିଲେ । ଏହି ଅବସରରେ ମାନବ ସୁରକ୍ଷା : ବିକାଶ ଦୃଷ୍ଟିକୋଣ ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ଅଶୋକ ଆଚାର୍ଯ୍ୟ ମଧ୍ୟ ଏଥିରେ ଉପସ୍ଥିତ ଥିଲେ । ପ୍ରଫେସର ଡକ୍ଟର ନିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଡକ୍ଟର ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଜାମିଆମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଡକ୍ଟର ଅଲିଭା ମିଶ୍ର ଆଞ୍ଚଳିକ ବିକାଶ ଏବଂ ଭାରତ ପାଇଁ ସୁରକ୍ଷା ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ ।

## ଏମସିଏଲ ପକ୍ଷରୁ ୧୦୪୦ ଜଣଙ୍କୁ ଦିଆଯିବ ଦକ୍ଷତା ପ୍ରଶିକ୍ଷଣ

ବୁର୍ଲା : ମହାନଦୀ କୋଇଲା କ୍ଷେତ୍ର ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ ଯୋଜନା (ସିଏସଆର) ଜରିଆରେ ୧୦୪୦ ଜଣ ଯୁବକ ଯୁବତୀଙ୍କୁ ଦକ୍ଷତା ଆଧାରିତ ପ୍ରଶିକ୍ଷଣ ଦିଆଯିବ । ଏଥିପାଇଁ କମ୍ପାନୀ ପକ୍ଷରୁ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ପେଟ୍ରୋକେମିକାଲ ଯାନ୍ତ୍ରିକ ଏବଂ ବୈଷୟିକ ସଂସ୍ଥାନ ସିପେଟ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ କମ୍ପାନୀର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଓ.ପି ସିଂ, ନିର୍ଦ୍ଦେଶକ କେଶବ ରାଓ, ଜେ.କେ ବୋହା ଏବଂ ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକଳ୍ପ ପାଇଁ ୧୦ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି ।

## ମାଳତି ଗୁଣ୍ଡେରପୁର ଫାଣ୍ଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର





ସମ୍ବଲପୁର : ଧମା ଥାନା ମାଳତିଗୁଣ୍ଡେରପୁର ଫାଣ୍ଡିପକ୍ଷରୁ ଫାଣ୍ଡି ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଏସ୍‌ଡିପିଓ ପ୍ରଦୀପ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ । ଫାଣ୍ଡି ଅଧିକାରୀ ବସନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସଦର ରକ୍ତ ଭଣ୍ଡାରର ଡାକ୍ତର ଓ ଟେକ୍‌ନିସିଆନ୍ ଶିବିର ପରିଚାଳନା କରିଥିଲେ । ଆଇଆଇସି ପ୍ରଶାନ୍ତ ସାମଲଙ୍କ ସମେତ ଥାନା ଓ ଫାଣ୍ଡି ପୁଲିସ୍ ସହଯୋଗ କରିଥିଲେ ।

## ସମ୍ବଲପୁର ପୂର୍ତ୍ତ ବିଭାଗରେ କର୍ମଚାରୀ ଅଭାବ

ସମ୍ବଲପୁର : ସମ୍ବଲପୁର ପୂର୍ତ୍ତ ବିଭାଗର ଏକ ନମ୍ବର ଡିଭିଜନରେ କର୍ମଚାରୀ ଅଭାବରୁ ଅଫିସର ସ୍ୱାଭାବିକ କାର୍ଯ୍ୟ ବ୍ୟାହତ ହେଉଛି । ଏଥିପାଇଁ ସାଧାରଣ ଲୋକ ବିଶେଷ କରି ଠିକାଦାରମାନେ ହଇରାଣ ହରକତ ହେଉଥିବା ଜଣାପଡିଛି । ଠିକାଦାରମାନଙ୍କର ବିଲ୍ ମାସମାସ ଧରି ପଡି ରହୁଥିବାରୁ ସେମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବାବଦରେ ଶ୍ରମିକ ନେତା ରତିକାନ୍ତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବୁଢ଼ାରଜା ହାଇସ୍କୁଲରେ ଓଷ୍ଟାର ଶିଶୁ ଉତ୍ସବ

ସମ୍ବଲପୁର : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯ଟି ବ୍ଲକ୍‌ର ୧୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଏହାକୁ ଉଦ୍‌ଘାଟନ କରିଥିଲେ । ଏହାସହ ଓଷ୍ଟାର ପୂର୍ବତନ ସଭାପତି ଅଜିତ କୁମାର ଦାଶ, ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଡକ୍ଟର ଗିରିଧାରୀ ହୋତା ସମ୍ମାନୀୟ ଅତିଥି ଓ ପୂର୍ବତନ ଉପ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଦୀପାଳୀ ଚୌଧୁରୀ, ହରି ନାରାୟଣ ପଣ୍ଡା, ବିଭୂତି ଭୂଷଣ ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ କରୁଣାକର ଭୁଜ ମୁଖ୍ୟ ଅତିଥି ଓ ଗଗନ ବିହାରୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଶ୍ୱମିତ୍ର ଦୀପ, ଅସୀମ ପ୍ରଧାନ, ଗାୟତ୍ରୀ ଭୋଇ, ଅପର୍ଣ୍ଣା ପଣ୍ଡା, ସୁଷମା ଖଡ଼ିଆ, ପ୍ରେମାନନ୍ଦ ଖମାରୀ, ବୀରେନ୍ଦ୍ର ନାରାୟଣ ସାହୁ, ମଦନମୋହନ ମାଝୀ, ଜ୍ଞାନେଶ୍ୱର କର, ଭୋଳାନାଥ ବିଷୋୟୀ, ଜୟ ଶଙ୍କର ପାଢ଼ୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ସମସ୍ତ ସାଧନାର ସାର - ଧ୍ୟାନ

ସାଧନା ପଦ୍ଧତିଗୁଡ଼ିକରେ ଧ୍ୟାନର ମହତ୍ତ୍ୱ ସର୍ବୋପରି । ସମସ୍ତ ଧର୍ମ-ସମ୍ପ୍ରଦାୟର ପୂଜା ପଦ୍ଧତିରେ ଧ୍ୟାନ କୌଣସି ନା କୌଣସି ରୂପରେ ଜଡ଼ିତ । ଆମେ ରାଜଯୋଗ, ହଠଯୋଗ, ଲୟଯୋଗ, ମନ୍ତ୍ରଯୋଗ, ଜ୍ଞାନଯୋଗ, କର୍ମଯୋଗ, ଭକ୍ତିଯୋଗ ଆଦି ଯେକୌଣସି ସାଧନାତ୍ମକ ମାର୍ଗର ଅବଲମ୍ବନ କରୁ ନା କାହିଁକି ସେଥିରେ ଧ୍ୟାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଈଶ୍ୱରଙ୍କ ପ୍ରାପ୍ତି ନିମନ୍ତେ ଆମେ ଯେଉଁ ମାର୍ଗର ଅବଲମ୍ବନ କଲେ ବି ସେଥିରେ ଧ୍ୟାନର ମହାନ୍ ଭୂମିକା ରହିଥାଏ । ରାଜଯୋଗର ଆରମ୍ଭ ଯମ, ନିୟମରୁ ହୋଇଥାଏ ଏବଂ ତାପରେ ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା ଆଦି ଦ୍ୱାରା ମନର ମଳିନତାକୁ ସମାପ୍ତ କରାଯାଏ, ଚିତ୍ତର ଚପଳତା ଓ ଚଞ୍ଚଳତା ଉପରେ ନିୟନ୍ତ୍ରଣ କରିହୁଏ ।

ମନର ମଳିନତା ସମାପ୍ତ ହେବା ମାତ୍ରେ ମନ ଧ୍ୟାନ ପାଇଁ ପ୍ରସ୍ତୁତ ହେବାରେ ଲାଗେ ଏବଂ କ୍ରମଶଃ ଧ୍ୟାନ ଓ ସମାଧି ସକାଶେ ଉପଯୁକ୍ତ ହୋଇଯାଏ, ତାପରେ ମନ ଧ୍ୟାନ-ସମାଧିରେ ବୁଡ଼ିଯାଏ ଏବଂ ସାଧକ ପାଇଁ ଭଗବତ୍ ଦର୍ଶନ ଓ ମୋକ୍ଷର ସମ୍ଭାବନା ସାକାର ହେବାରେ ଲାଗେ । ହଠଯୋଗ ସାଧନାର ଆରମ୍ଭ ଆମେ ଷଟ୍‌କର୍ମରୁ କରିଥାଉ । ଆମେ ଆସନ, ପ୍ରାଣାୟାମ, ମୁଦ୍ରା, ବନ୍ଧ ଆଦି ହଠଯୌଗିକ କ୍ରିୟା କରିଥାଉ, କିନ୍ତୁ ଏସବୁର ଉଦ୍ଦେଶ୍ୟ ମଧ୍ୟ ଶରୀର ଶୁଦ୍ଧି କରି ମନକୁ ଶୁଦ୍ଧ ଓ କ୍ରମଶଃ ନିୟନ୍ତ୍ରଣ କରିବା ହୋଇଥାଏ । ହଠଯୋଗ ପ୍ରାଣ ଉପରେ ନିୟନ୍ତ୍ରଣ କରି ମନକୁ ନିୟନ୍ତ୍ରଣ କରିଥାଏ ଏବଂ ସେତେବେଳେ ସାଧକ ଏହାଠାରୁ ଆଗକୁ ଧ୍ୟାନ-ସମାଧିରେ ଲୀନ ହୋଇପାରେ ।

ଲୟଯୋଗରେ ମନର ଲୟ ନାଦବ୍ରହ୍ମରେ ସେତେବେଳେ ସମ୍ଭବ ହୋଇପାରେ, ଯେତେବେଳେ ମନର ଚପଳତା, ମନର ଚଞ୍ଚଳତା, ଚିତ୍ତର ବୃତ୍ତି ଗୁଡ଼ିକ ଶାନ୍ତ ହୋଇଯାଏ, ସମାପ୍ତ ହୋଇଯାଏ, ଅନ୍ୟଥା ମନର ଲୟ କିପରି ସମ୍ଭବ ? ମନ୍ତ୍ରଯୋଗର ସାଧନା କରି ମଧ୍ୟ ମନକୁ ମନ୍ତ୍ରର ଦେବତା ଓ ଇଷ୍ଟଙ୍କ ଠାରେ ଲଗାଇବାକୁ ହୋଇଥାଏ ।

ମନ ଯଦି ମନ୍ତ୍ରର ଦେବତା ଓ ଇଷ୍ଟଙ୍କ ଠାରେ ନ ଲାଗିଲା ତ ମନ୍ତ୍ରଯୋଗର ସାଧନା ମଧ୍ୟ ସଫଳ ହୋଇ ପାରିବ ନାହିଁ । ମନ୍ତ୍ର ମନ୍ତ୍ରଯୋଗ ନ ହୋଇ କିଛି ଶବ୍ଦର ଉଚ୍ଚାରଣ ମାତ୍ର ହୋଇ ରହିଯିବ । ଜ୍ଞାନଯୋଗର ସାଧନା ସେତେବେଳେ ସମ୍ଭବ ହୋଇ ପାରିବ, ଯେତେବେଳେ ଆମକୁ ପ୍ରତିକ୍ଷଣ ପ୍ରଭୁଙ୍କ ସର୍ବବ୍ୟାପକତା, ସର୍ବଜ୍ଞତାର ବୋଧ ହେବ । ଆମକୁ ପ୍ରତିକ୍ଷଣ ସଂସାରର ଅସାରତା ଓ ଈଶ୍ୱରଙ୍କ ଶାଶ୍ୱତତାର ବୋଧ ହେଉ, ଆମକୁ ପ୍ରତି ମୁହୂର୍ତ୍ତରେ ଭୌତିକ ସୁଖ ସାଧନ, ଇନ୍ଦ୍ରିୟ ଜନିତ ସୁଖର କ୍ଷଣଭଙ୍ଗୁରତା, ଅତୃପ୍ତତା ଓ ଶାଶ୍ୱତ ସୁଖରେ ମିଳୁଥିବା ସ୍ଥାୟୀ ତୃପ୍ତିର ବୋଧ ହେଉ ଏବଂ ଆମକୁ ଭୋଗରୁ ପ୍ରାପ୍ତ ଦୁଃଖ ଓ ଯୋଗରୁ ମିଳୁଥିବା ଆନନ୍ଦର ବୋଧ ହେଉ ।

କର୍ମଯୋଗର ସାଧନାରେ ମଧ୍ୟ ଧ୍ୟାନ ଆବଶ୍ୟକ । ଆମର ପ୍ରତ୍ୟେକ କର୍ମ ନିଷ୍କାମ ହେଉ । ଆମର ପ୍ରତ୍ୟେକ କର୍ମ ଶୁଭ-ଅଶୁଭ, ଭଲ-ମନ୍ଦ, ପାପ-ପୁଣ୍ୟର ଉର୍ଦ୍ଧ୍ୱରେ ହେଉ । ତାହେଲେ ଆମର କର୍ମ ନିଷ୍କାମ ହୋଇ ପାରିବ । ନିଷ୍କାମ କର୍ମ, ଫଳାସକ୍ତିରୁ ମୁକ୍ତ କର୍ମ, କର୍ତ୍ତାପଣର ଭାବନାରୁ ମୁକ୍ତ କର୍ମ ହିଁ କରାଯାଇ ପାରିବ ।

ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମର ଇନ୍ଦ୍ରିୟଗୁଡ଼ିକ କର୍ମ କରୁଥିବେ, କିନ୍ତୁ ଆମର ମନ ଈଶ୍ୱରଙ୍କ ଠାରେ ଲାଗି ରହିବ, ଅନ୍ୟଥା କେବଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା କରାଯାଇଥିବା କର୍ମ ନିଷ୍କାମ ହୋଇ ପାରିବ ନାହିଁ । ମନକୁ ଈଶ୍ୱରଙ୍କ ଠାରେ ଲଗାଇବା ବିନା କେବଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା କରାଯାଇଥିବା କର୍ମ ନିଷ୍କାମ ହୋଇ ପାରିବ ନାହିଁ ଏବଂ ସେପରି କର୍ମ ଆମ ଚିତ୍ତରେ ପୁନଶ୍ଚ ନୂଆ ସଂସ୍କାର, ପ୍ରଭାବ ଉତ୍ପନ୍ନ କରିବ ଓ ସେହି ସଂସ୍କାର ପୁନଃ ଆମର ଚିତ୍ତକୁ ଚଞ୍ଚଳ କରିବ ତଥା ସେତେବେଳେ ଆମ ଚିତ୍ତରେ ପୁନଶ୍ଚ ବିଭିନ୍ନ କର୍ମର ସଂସ୍କାର ଉତ୍ପନ୍ନ ହେବ ।

ଏ ପ୍ରକାର ଆମର ଚିତ୍ତ ପରମାତ୍ମାଙ୍କ ଠାରେ ଲାଗିବ କିପରି ? ସେତେବେଳେ ଆମର ମନ ପରମାତ୍ମାଙ୍କ ଧ୍ୟାନରେ ବୁଡ଼ି ପାରିବ କିପରି ? ପୁଣି ଆମର କର୍ମଯୋଗର ସାଧନା କିପରି ସଫଳ ହୋଇ ପାରିବ ? ଭକ୍ତିଯୋଗର ସାଧନାରେ ମଧ୍ୟ ଯଦି ଭକ୍ତର ମନ ଚଞ୍ଚଳ ରହେ ଓ ତା'ର ମନ ପ୍ରଭୁଙ୍କ ଠାରେ ନ ଥାଏ, ବରଂ ବିଷୟ ଗୁଡ଼ିକରେ ବୁଡ଼ି ରହିଥାଏ ତେବେ ଏହା ତା'ର କି ପ୍ରକାର ଭକ୍ତି ? କି ପ୍ରକାର ଭକ୍ତିଯୋଗ ? ଏଭଳି ଅବସ୍ଥାରେ ତ ସେ ଭକ୍ତିଠାରୁ ଅନେକ କୋଶ ଦୂରରେ ରହିଥାଏ ।

ଭକ୍ତି ହେଉଛି ଈଶ୍ୱରଙ୍କ ପ୍ରତି ପରମ ପ୍ରେମ, ପରମ ଅନୁରାଗ ଏବଂ ଯଦି ମନ ସାଂସାରିକ ବିଷୟଗୁଡ଼ିକର ଚିନ୍ତନରେ ବୁଡ଼ି ରହେ ତେବେ ସେ ପ୍ରଭୁଙ୍କ ପ୍ରେମରେ ବୁଡ଼ି ପାରିବ କିପରି ? ହଁ ! ନିତ୍ୟ-ନିରନ୍ତର ଭକ୍ତିର ଅଭ୍ୟାସ ଦ୍ୱାରା ମନ ଯେତେବେଳେ ଶୁଦ୍ଧ ହୋଇଯିବ, ଶାନ୍ତ ହୋଇଯିବ, ବିଷୟଗୁଡ଼ିକ ସହିତ ମନର ଅନୁରାଗ ସମାପ୍ତ ହୋଇଯିବ, ସେତେବେଳେ ମନ ପ୍ରଭୁଙ୍କ ପ୍ରେମରେ, ଅନୁରାଗରେ ବୁଡ଼ିଯିବ, ଅବତରଣ କରିବ ଓ ସମାପ୍ତ ହୋଇ ଚାଲିବ ।

ଯଜ୍ଞ ଭଳି କର୍ମକାଣ୍ଡୀୟ କ୍ରିୟାଗୁଡ଼ିକ କରି ମଧ୍ୟ ମନ ଯଦି ଭଗବାନଙ୍କ ଠାରେ ଲାଗିଥାଏ, ବୁଡ଼ି ରହିଥାଏ, ସେତେବେଳେ ସେହି ଯଜ୍ଞ ବାସ୍ତବରେ ଯଜ୍ଞ ବୋଲାଇଥାଏ, ଅନ୍ୟଥା ତାହା ମାତ୍ର କର୍ମକାଣ୍ଡ ହୋଇ ରହିଯାଏ । ସନାତନ ଧର୍ମର ସାଧନା ପଦ୍ଧତିଗୁଡ଼ିକରେ ନୁହେଁ, ବରଂ ଅନ୍ୟାନ୍ୟ ସାଧନା ପଦ୍ଧତି, ପୂଜା ପଦ୍ଧତିରେ ମଧ୍ୟ ଧ୍ୟାନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଦାହରଣ ସ୍ୱରୂପ, ଯଦି ଭଗବାନଙ୍କ ସ୍ତୁତି କରି ମନ ଭଗବାନଙ୍କ ପରିବର୍ତ୍ତେ ସଂସାରର ଚିନ୍ତନରେ ହିଁ ଲାଗି ରହିବ ତେବେ ପୁଣି ତାହା ସ୍ତୁତି କିପରି ? ସେହି ପୂଜନ କୃତ୍ୟ ଆମକୁ ଭଗବାନଙ୍କ ସହିତ ଯୋଡ଼ି ପାରିବ କିପରି ?

ସେତେବେଳେ ତ ସେହି ପୂଜନ ହାତ-ଗୋଡ଼ ଚଳାଇବା, ବୁଲାଇବାର ଏକ କ୍ରିୟା ମାତ୍ର ହୋଇ ରହିଯିବ । ସେତେବେଳେ ତ ତାହା ଆତ୍ମପ୍ରବଞ୍ଚନା ଓ ବାହ୍ୟ ଆଡ଼ମ୍ବର ମାତ୍ର ହୋଇ ରହିଯିବ ।

କେବଳ କର୍ମକାଣ୍ଡ ସମ୍ପନ୍ନ କରିନେଲେ କୌଣସି ପ୍ରୟୋଜନ ସିଦ୍ଧ ହୁଏ ନାହିଁ । କର୍ମକାଣ୍ଡ କରିବା ସହିତ ମନ ଈଶ୍ୱରଙ୍କ ଠାରେ ଲାଗି ରହିବା ଆବଶ୍ୟକ, ତେବେ ଯାଇ ତାହା ଉପାସକ ପାଇଁ ସଫଳ ହୋଇଥାଏ, ଅନ୍ୟଥା ନୁହେଁ । ମନ୍ଦିରରେ ଭଗବାନଙ୍କ ଅଭିଷେକ କରି, ପୂଜନ କରି, ଆରତି ବନ୍ଦନ କରି ମଧ୍ୟ ଆମର ମନ ଯଦି ଭଗବାନଙ୍କ ଠାରେ ନ ଲାଗିଲା ତେବେ ଆମ ଦ୍ୱାରା କରାଯାଇଥିବା କ୍ରିୟାଗୁଡ଼ିକୁ କେବଳ କ୍ରିୟା ଓ କର୍ମକାଣ୍ଡ ହିଁ କୁହାଯିବ । ସେହିପରି ଦେବାଳୟରେ ଈଶ୍ୱରଙ୍କ ସମକ୍ଷରେ ତାଙ୍କୁ ପ୍ରାର୍ଥନା କରିବା ବେଳେ ଆମର ମନ ତାଙ୍କ ଠାରେ ଲାଗି ରହିବା ଉଚିତ । ପ୍ରାର୍ଥନା କରିବା ସହିତ ଆମର ମନ, ଚିନ୍ତନ, ଧ୍ୟାନ ପ୍ରଭୁଙ୍କ ଠାରେ ରହିବା ଉଚିତ, ଅନ୍ୟଥା ପ୍ରାର୍ଥନା ରୂପରେ ଜିହ୍ୱାରୁ କିଛି ଶବ୍ଦର ଉଚ୍ଚାରଣ ମାତ୍ର କରିବା ଦ୍ୱାରା ଲାଭ କ'ଣ ?

ପ୍ରାର୍ଥନାରେ ପ୍ରାଣ ତ ସେତେବେଳେ ଆସିବ, ଯେତେବେଳେ ପ୍ରାର୍ଥନା କରିବା ସହିତ ଆମର ମନ ପରମାତ୍ମାଙ୍କ ଠାରେ ଲାଗି ରହିବ, ବୁଡ଼ି ରହିବ । ଏସବୁର ସାରତତ୍ତ୍ୱ ହେଲା ଧ୍ୟାନ ସମସ୍ତ ସାଧନା ପଦ୍ଧତିର ସାର, ନିଷ୍କର୍ଷ ଅଟେ । ଧ୍ୟାନ ବିଭିନ୍ନ ପ୍ରକାର ପୂଜା ପଦ୍ଧତିର ନବନୀତ, ନିଷ୍କର୍ଷ ଅଟେ । ଧ୍ୟାନ ମୋକ୍ଷ, ମୁକ୍ତି, ଭଗବତ୍ ପ୍ରାପ୍ତିର ପ୍ରବେଶ ଦ୍ୱାର । ଧ୍ୟାନ ଶାଶ୍ୱତ ସୁଖ, ଶାନ୍ତି, ସୌନ୍ଦର୍ଯ୍ୟ ଓ ସୌଭାଗ୍ୟର ରାଜମାର୍ଗ । ପ୍ରକୃତରେ ସମସ୍ତ ସାଧନାର ସାର ହେଉଛି ଧ୍ୟାନ ।

# ପିଲାମାନଙ୍କୁ ସଂସ୍କାର ଦିଅନ୍ତୁ

ପିଲାଏ ଓଦା ମାଟି ପରି ହୋଇଥାନ୍ତି ଓ ମାତାପିତା ଛାଞ୍ଚ ଅଟନ୍ତି । ଘରର ବାତାବରଣ ଯେପରି ହେବ, ପିଲାମାନେ ତଦନୁସାର ହେବେ । ଯେଉଁ ସବୁ ଘରେ ଲଢ଼େଇ-ଝଗଡ଼ା, କର୍କଶତା ଥାଏ, ସେହି ଘରଗୁଡ଼ିକର ପିଲାମାନେ ଉଚ୍ଛୃଙ୍ଖଳ ହୋଇଯାନ୍ତି । ଯେବେ ଆମର ପିଲାମାନେ ଉଚ୍ଛୃଙ୍ଖଳ ଓ ଉଦଣ୍ଡ ହେବେ, ତ ଆମେ ତାଙ୍କ ଠାରୁ କ'ଣ ଆଶା କରିବା ? ଆମ ରାଷ୍ଟ୍ରର ମୂଳଦୁଆ ଏହି ପିଲାମାନଙ୍କ ଉପରେ ଆଧାରିତ, ତେଣୁ ଯଦି ମୂଳଦୁଆ ମଜଭୁତ ହେବ ନାହିଁ, ତ ଇଟା କେଉଁଠି ରହିବ ? ଏଭଳି ଦୁର୍ବଳ ଘର ତ ଭୁଶୁଡ଼ି ପଡ଼ିବ, ଭାଙ୍ଗିଯିବ ଓ ଧସିଯିବ । ସେଥିପାଇଁ ମାତା ଓ ପିତା ଦୁହେଁ ପିଲାଙ୍କୁ ସମ୍ପତ୍ତି ନୁହେଁ, ସଂସ୍କାର ଦିଅନ୍ତୁ ।

ମା' ସୀତା ଯେତେବେଳେ ମହର୍ଷି ବାଲ୍ମୀକି ଆଶ୍ରମରେ ରହିଲେ ତ ସେଠାରେ ଲବ-କୁଶ ଜନ୍ମ ନେଲେ ଓ ସୀତା ସେମାନଙ୍କୁ ସଂସ୍କାର ଦେଲେ । ଏମିତି ଶୌର୍ଯ୍ୟ ଓ ସାହସ ସେହି ବୀର ବାଳକମାନଙ୍କୁ ଦେଲେ ଯେ କାହା ସାମନାରେ ସେମାନେ ମୁଣ୍ଡ ନୁଆଁଇଲେ ନାହିଁ, ବରଂ ଅନୀତି ବିରୁଦ୍ଧରେ ଲଢ଼ିଲେ । ରାଜା ରାମ ତାଙ୍କର ପିତା ବୋଲି ସେମାନଙ୍କୁ ଜଣା ନ ଥିଲା । ସେମାନେ କେବଳ ଏତିକି ଜାଣିଥିଲେ ଯେ ସୀତାଙ୍କୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ତାଙ୍କର ପରିତ୍ୟାଗ କରାଯାଇଛି । ଜଙ୍ଗଲକୁ ପଠାଯାଇଛି, ତେଣୁ ଆମେ ତାଙ୍କର ମୁକାବିଲା କରିବୁ । ଏଭଳି ଜଣେ ସତୀ-ସ୍ୱାଧ୍ୱୀଙ୍କୁ ସେ ଘରୁ କାହିଁକି ବାହାର କଲେ ? ଏଇ ସାହସ କିଏ ଦେଲା ? ଏଇ ହିମତ ମା' ଦେଲେ ।

ମା' ଜଙ୍ଗଲରେ ରହି ମଧ ଦୁଇ ପିଲାଙ୍କୁ ଗଢ଼ିଲେ ଓ ଏଭଳି ଶ୍ରେଷ୍ଠ ସାହସପୂର୍ଣ୍ଣ ସଂସ୍କାର ଦେଲେ । ଏହି ପରି କଣ୍ୱ ଋଷିଙ୍କ ଆଶ୍ରମରେ ରହି ଶକୁନ୍ତଳା ଭରତଙ୍କୁ ଜନ୍ମ ଦେଲେ । କଥା-କାହାଣୀଗୁଡ଼ିକ ମାଧମରେ ଛୋଟ ପିଲା ମାନେ ଶିଖନ୍ତି । ମା'-ବାପାଙ୍କ ଆଚରଣରୁ ଶିଖନ୍ତି । ମାତାପିତା ଯେପରି ହେବେ, ସେମାନଙ୍କ ପିଲାଙ୍କ ମଧରେ ସେପରି ଭାବନା କାମ କରିବ ।

ଗୋଟିଏ ପରିବାର ଥିଲା । ସେହି ପରିବାରରେ ସ୍ୱଭାବଗତ କିଛି ଦୁର୍ବଳତା ଥିଲା । ପିଲାମାନେ ଦେଖିଲେ ଯେ ସେମାନଙ୍କ ମାତାପିତା ତାଙ୍କର ବୃଦ୍ଧ ମାତାପିତାଙ୍କୁ ମାଟିପାତ୍ରରେ ଖାଇବାକୁ ଦେଉଛନ୍ତି । ସେହି ମାଟିପାତ୍ରକୁ ଧୋଇ ଦେଲେ ଓ ଉଠାଇ ରଖିଦେଲେ । ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିର ପିଲାମାନେ ଏସବୁ ଦେଖି ତୃତୀୟ ପିଢ଼ି ଯେତେବେଳେ ଆସିଲେ, ତ ସେମାନଙ୍କ ମଧରେ କେତେକ ପିଲା ବୁଦ୍ଧିମାନ୍ ଥିଲେ । ସେମାନେ ଦେଖିଲେ ଯେ ସେମାନଙ୍କ ମାତାପିତା ତାଙ୍କ ମାତାପିତାଙ୍କୁ ଘରୁ ବାହାର କରି ଦେଇଛନ୍ତି । ପିତାଙ୍କୁ ଜଙ୍ଗଲରେ ଛାଡ଼ି ଆସିଛନ୍ତି, ମାରି ଦେଇ ଆସିଛନ୍ତି ଓ ମା'କୁ ମାଟିପାତ୍ରରେ ଖାଇବାକୁ ଦେଉଛନ୍ତି । ପିଲାମାନେ ଦେଖିଲେ ଯେ ସେମାନଙ୍କ ମାତାପିତା ଏପରି କରୁଛନ୍ତି, ତ ପିଲାମାନେ କେଉଁଠୁ ମାଟିର ପାତ୍ର ସଂଗ୍ରହ କରି ଆଣିଲେ ।

ପିତା ପଚାରିଲେ- 'ଇଏ କ'ଣ କରୁଛ ? ଏହା କେଉଁଠୁ ଆଣିଲ ? ପିଲାମାନେ କହିଲେ- ''ମାଆ ଓ ଆପଣଙ୍କ ପାଇଁ ଆଣିଛୁ । ଯେତେବେଳେ ଆମେ ବଡ଼ ହୋଇଯିବୁ, ତ ଆପଣଙ୍କୁ ଏଇ ପାତ୍ରରେ ଖାଇବାକୁ ଦେବୁ ଏବଂ ଆମେ ମଧ ଏହିପରି ଭାବରେ ଆପଣଙ୍କୁ ମାରିବୁ, ଯେପରି ଭାବରେ ଆପଣ ନିଜର ପିତାଙ୍କୁ ମାରିଛନ୍ତି ।'' ପିଲାମାନେ ବଡ଼ ହୋଇଯିବା ପରେ କହିଲେ – ''ଚାଲନ୍ତୁ ପିତାଜୀ ! ଆପଣଙ୍କୁ ଜଙ୍ଗଲରେ ବୁଲାଇ ଆଣିବୁ ।'' ପିତା ବୁଝିଗଲେ ଯେ ମୁଁ ଯାହା କରିଛି, ଏମାନେ ମଧ ମୋ ପାଇଁ ସେପରି କରିବେ । ମୁଁ ମୋର ପିତାଙ୍କୁ ଜଙ୍ଗଲରେ ନେଇ ମାରିଥିଲି, ଏବେ ଏମାନେ ମଧ ତାହା ହିଁ କରିବେ ।

ପିତା ପିଲାଙ୍କ ସାଙ୍ଗରେ ତ ଗଲେ, କିନ୍ତୁ ଯିବା ପରେ ଗୋଟିଏ ଜାଗାରେ ଅଟକି ଯାଇ କହିଲେ– ''ପିଲାମାନେ ! ତୁମେମାନେ ମୋତେ ମାର ନାହିଁ ବୋଲି ତ ମୁଁ କହୁ ନାହିଁ; କାରଣ ମୁଁ ନିଜ ପିତାଙ୍କୁ ମାରିଛି, ତ ତୁମେମାନେ ବି ମୋତେ ମାରିବ । ଏହା କୌଣସି ଅପରାଧ ନୁହେଁ । ତୁମେମାନେ ମୋଠାରୁ ହିଁ ଶିଖିଛ, କିନ୍ତୁ ମୁଁ କହିବାକୁ ଚାହୁଁଛି ଯେ ଏହା ପରମ୍ପରା ହୋଇ ନ ଯାଉ । ମୁଁ ଚାହିଁବି ଯେ ଏହି ପରମ୍ପରା ବନ୍ଦ ହୋଇଯାଉ । ଏହି ଦୃଷ୍ଟିରୁ ତୁମେମାନେ ମୋତେ ମାର ନାହିଁ ।'' ସେମାନେ କହିଲେ ଯେ ଆପଣ ପ୍ରଥମରୁ ଚିନ୍ତା କରି ନ ଥିଲେ ? ସେ କହିଲେ ଯେ ପୂର୍ବରୁ ଯେଉଁ ଭୁଲ ମୁଁ କରିଛି, ସେହି ଭୁଲ ତୁମେମାନେ କରିବା ଅନୁଚିତ । ତାହେଲେ ଏହି ଶିକ୍ଷା ଆମର ପିଲାମାନଙ୍କୁ କିଏ ଦେବ ? ଏହା ମାତାପିତାଙ୍କ ଉଦାହରଣ ଅଟେ ।

ପ୍ରଣାମ କରିବା, ଠିକ୍ ଢଙ୍ଗରେ କହିବା, ସତ କହିବା ଓ ଅନ୍ୟମାନଙ୍କ ସହିତ ଉତ୍ତମ ବ୍ୟବହାର କରିବା, ଏସବୁ ମାଆମାନେ ହିଁ ଶିଖାଇବେ ।

ଦିନେ କୁନ୍ତୀ ଜଙ୍ଗଲକୁ ଜଣେ ପୁଅକୁ ପଠାଇ ଥିଲେ, ଯେତେବେଳେ ସେହି ଗାଁର ପ୍ରତ୍ୟେକ ଘରୁ ରାକ୍ଷସ ପାଖକୁ ଜଣେ ବ୍ୟକ୍ତିକୁ ପଠାଯାଉଥିଲା । ନିଜ ଆଶ୍ରୟଦାତାଙ୍କୁ ବଞ୍ଚାଇବା ପାଇଁ କୁନ୍ତୀ ଭୀମଙ୍କୁ ପଠାଇଲେ, କାରଣ ପାଞ୍ଚ ଜଣଙ୍କ ମଧରୁ ଜଣକୁ ଯିବାର ଥିଲା । ଭୀମ କହିଲେ– 'ମା', ଆମ ପାଞ୍ଚ ଜଣଙ୍କ ଭିତରୁ ଜଣେ ଯଦି କମ୍ ହୋଇଯାଏ ତ କ'ଣ ହେଲା ? ଆପଣଙ୍କ ପାଖରେ ଆପଣଙ୍କର ଆହୁରି ଚାରି ପୁଅ ତ ରହିବେ ।'' ଏହି ସଂସ୍କାର କିଏ ଦେଇଥିଲେ ? ଏହି ସଂସ୍କାର କୁନ୍ତୀ ଦେଇଥିଲେ । କୁନ୍ତୀ ପାଞ୍ଚ ପୁତ୍ରଙ୍କୁ ଶ୍ରେଷ୍ଠ ସଂସ୍କାର



ଦେଇଥିଲେ । ତିନି ପୁଅ କୁନ୍ତୀଙ୍କର ଥିଲେ ଓ ଦୁଇ ପୁଅ ମାଦ୍ରିଙ୍କର ଥିଲେ । ପାଞ୍ଚ ପୁତ୍ରଙ୍କୁ ବିନା ଭେଦଭାବରେ କୁନ୍ତୀ ସଂସ୍କାର ଦେଇଥିଲେ । କୁନ୍ତୀ ଜାଣିଥିଲେ ଯେ ବଡ଼ଯାଆ ତାଙ୍କର ବିରୋଧୀ ଓ ଦେଢ଼ଶୁର କେତେ କ୍ଷତି କରିଛନ୍ତି, ତଥାପି ଗାନ୍ଧାରୀ ଯେତେବେଳେ ତପ କରିବାକୁ ବାହାରିଲେ ତ କୁନ୍ତୀ କହିଲେ ଯେ ଆପଣ ଏକାକୀ ଯିବେ ନାହିଁ, ସାଙ୍ଗରେ ମୁଁ ବି ଯିବି ଓ ଦୁହେଁ ଜଙ୍ଗଲକୁ ଚାଲିଗଲେ ।

ପିଲାମାନଙ୍କୁ ଯାହା ବି ସଂସ୍କାର ଦିଆଯିବ, ତାହା ମା' ଦେବେ । ମା'ଙ୍କର ଯେଉଁ ସଂସ୍କାର ଧ୍ରୁବ, ତାହା ପିଲାଙ୍କ ମଧରେ ରହିବ । ମାତାପିତା ହିଁ ନିଜ ପିଲାଙ୍କୁ ସଂସ୍କାର ଦେବା ଉଚିତ । ପିଲାମାନେ ଆମର ଓଦା ମାଟି ଓ ମାତାପିତା ଛାଞ୍ଚ । ଯେପରି ଚାହିଁବେ ସେପରି ପିଲାଙ୍କୁ ଗଢ଼ି ପାରିବେ । ଛାଞ୍ଚ ଥାଏ ଓ ମାଟି ଥାଏ । ପାରାର ଛାଞ୍ଚରେ ପାରା ହୋଇଯାଏ । ମାଙ୍କଡ଼ର ଛାଞ୍ଚରେ ମାଙ୍କଡ଼ ହୋଇଯାଏ ।

ଯେପରି ଛାଞ୍ଚ, ସେପରି ଆକାର- କେତେବେଳେ କ'ଣ ହୋଇଯାଏ, ତ କେତେବେଳେ ଆଉ କ'ଣ ହୋଇଯାଏ ? ମାଟି ତ ଏକ, କିନ୍ତୁ ଛାଞ୍ଚ ଅଲଗା ଅଲଗା ହୋଇଥାଏ ଓ ସେପରି ସ୍ୱରୂପ ବାହାରି ଆସେ ।

ଭଗବାନ ଶିବଙ୍କର ଦୁଇ ସନ୍ତାନ ଥିଲେ । ରାମ, ଲକ୍ଷ୍ମଣଙ୍କର ଦୁଇ ଦୁଇ ଜଣ ସନ୍ତାନ ଥିଲେ । ଭରତ, ଶତ୍ରୁଘ୍ନଙ୍କର ବି ଦୁଇ ଦୁଇଟି ପିଲା ଥିଲେ । ପୋଖରୀରେ ପ୍ରବେଶ କରି ହିଁ ପହଁରିବା ଶିଖାଯାଏ ଏବଂ କୂଳରେ ବସି ତ କେବଳ ଆନନ୍ଦ ନିଆଯାଇ ପାରେ । ସମୁଦ୍ରରେ ନ ବୁଡ଼ିବା ପର୍ଯ୍ୟନ୍ତ ବହୁମୂଲ୍ୟ ରତ୍ନ କିପରି ପାଇ ପାରିବେ ? କେବଳ ମନକୁ ବୁଝାଇବା ହିଁ ରହିଯିବ । ପିଲାଙ୍କୁ ଜନ୍ମ ତ ଦେଲେ, କିନ୍ତୁ ସେମାନଙ୍କୁ ସଂସ୍କାର ଦେଲେ ନାହିଁ, ତେଣୁ ସେମାନେ ପୃଥିବୀର ଭାର ହେବେ, ସମାଜ ଉପରେ ଭାର ହେବେ । ସେମାନେ କୁସଂସ୍କାରୀ, ଡକାୟତ, ଚୋର, ଜୁଆଡ଼ି, ବିଳାସୀ, ମଦ୍ୟପ ହେବେ । କାହିଁକି ହେବେ ? କାରଣ ସେମାନଙ୍କୁ ସଂସ୍କାର ଦିଆଗଲା ନାହିଁ ।

ପିଲାଙ୍କୁ ସଂସ୍କାର ଦିଅନ୍ତୁ ଓ ଏକରୁ ବଳି ଆରେକ ରତ୍ନ ପାଆନ୍ତୁ । ସେମାନେ କିପରି ହେବେ ? ଶ୍ରବଣ କୁମାର ଭଳି ହେବେ, ଯିଏ ମାତାପିତାଙ୍କୁ ବାହୁଙ୍ଗୀରେ ବସାଇ କାନ୍ଧରେ ବୋହି ତୀର୍ଥଯାତ୍ରା କରାଇବାକୁ ନେଇ ଯାଇଥିଲେ । ଜୀବନ ସାରା ସେ ମାତାପିତାଙ୍କ ସେବା କଲେ । ଦୁଷ୍ଟଙ୍କର ତ ଦୁଷ୍ଟ ପିଲା ହିଁ ଜନ୍ମ ହୁଅନ୍ତି । କ୍ୱଚିତ୍ ଯଦି କେହି ଭଲ ହୋଇଯାଇଥାଏ, ତ ଅଲଗା କଥା । ରାବଣ ପରି ତା'ର ସନ୍ତାନମାନେ ବି ହୋଇଥିଲେ । ରାବଣର ପୂରା ପରିବାର ଦୁଷ୍ଟ ଥିଲା । ଯଦିଓ ତା'ର ପିତା ଋଷି ଥିଲେ, ସେ ତାକୁ ସଂସ୍କାର ଦେବାରେ ସମର୍ଥ ହେଲେ ନାହିଁ । ରାବଣ ଠାରେ ମାତାର ସଂସ୍କାର ଥିଲା । ସମସ୍ତେ ଏକରୁ ବଳି ଆରେକ ଦୁଷ୍ଟ, କୁସଂସ୍କାରୀ, ଦୁରାଚାରୀ ଥିଲେ । ସାରା ରାକ୍ଷସ ଜାତି କୁସଂସ୍କାରୀ ଥିଲା ।

ରାବଣ ଭାଇକୁ ତଡ଼ି ଦେଇଥିଲା ଓ ଶାହଜହାନଙ୍କୁ ଆଉରଙ୍ଗଦେବ ପ୍ରତ୍ୟାଖ୍ୟାନ କରିଦେଇଥିଲା । କାହାର ପୁଅ ପିତାକୁ ବନ୍ଦୀ କରିନେଲା, ତ କିଏ ମାରିଦେଲା । ଏପରି କାହିଁକି ? କାରଣ ପିଲାଙ୍କୁ ଯେଉଁ ସଂସ୍କାର ଦେବାର ଥିଲା, ସେହି ସଂସ୍କାର ଦେଲେ ନାହିଁ । ଯଦି ସଂସ୍କାର ମିଳିଥାନ୍ତା, ତ ସେମାନେ ସନ୍ଥ ହୋଇଯାଇଥାନ୍ତେ । ସନ୍ଥ ଜ୍ଞାନେଶ୍ୱର ଚାରି ଭାଇ-ଭଉଣୀ ଥିଲେ । ଜଣେ ଭଉଣୀ ଓ ତିନି ଭାଇ ଥିଲେ । ସେମାନଙ୍କ ତ୍ୟାଗରେ କୌଣସି ଊଣା ନ ଥିଲା । ସମସ୍ତେ ମହାନ୍ ଥିଲେ । ଜଣେ ବଡ଼ ଭାଇ ଥିଲେ, ବାକି ତିନି ଜଣ ତାଙ୍କର ଅନୁସରଣ କରୁଥିଲେ । ଏହା ସଂସ୍କାର ହୋଇଥାଏ । ମାତାପିତାଙ୍କ ଦାନ ହୋଇଥାଏ । ସେମାନେ ଯେପରି ହେବେ, ପିଲାମାନେ ସେପରି ହେବେ । ଏଥିରେ କୌଣସି ସନ୍ଦେହ ନାହିଁ । ମାତାପିତାଙ୍କ ବ୍ୟତୀତ ପିଲାଙ୍କୁ ଆଉ କେହି ବି ଗଢ଼ି ପାରିବେ ନାହିଁ ।

ଦାରାଶିକୋହଙ୍କୁ ତାଙ୍କର ଭାଇ ହିଁ ମାରିଥିଲା । ରାମ ଓ ଭରତଙ୍କ ସ୍ନେହ ଭାଇ ଭାଇ ମଧରେ ପ୍ରେମର ଉତ୍କୃଷ୍ଟ ଉଦାହରଣ, ଦୃଷ୍ଟାନ୍ତ । କୌଶଲ୍ୟା ରାମଙ୍କ ଭିତରେ ଓ କୈକେୟୀ ଭରତଙ୍କ ଭିତରେ ସଂସ୍କାର ଭରିଥିଲେ । ଯଦ୍ୟପି ପରେ କୈକେୟୀ ପଛେଇ ଗଲେ । ଆରମ୍ଭରୁ ତ ସେ କହିଥିଲେ ଯେ ରାମ ଓ ଭରତ ମୋର ଦୁଇ ଆଖି । ପରେ ଲୋଭ ଓ ଲାଳସା ତାଙ୍କୁ ଅନ୍ଧ କରିଦେଲା, ତେଣୁ ସେ ନିଜର ପୁଅ ପାଇଁ ରାଜଗାଦି ଓ ରାମଙ୍କ ପାଇଁ ବନବାସ ମାଗିଥିଲେ ।

ସୁମିତ୍ରା ନିଜ ପିଲାଙ୍କ ମଧରେ ଶ୍ରେଷ୍ଠ ଭାବନା ଭରିଥିଲେ । ଲକ୍ଷ୍ମଣଙ୍କୁ ସେ କହିଥିଲେ ଯେ ରାମ ବନକୁ ଯାଉଛି ଓ ତୁ ଅଯୋଧାରେ ରହିବୁ । ତତେ ଲାଜ ଲାଗିବ ନାହିଁ । ପିତା ସ୍ୱରୂପ ତୋର ଭାଇ, ମା' ସ୍ୱରୂପ ତୋର ଭାଉଜ, ସେମାନଙ୍କ ସାଙ୍ଗରେ ଯାଅ ଓ ସେମାନଙ୍କ ସେବା କର । ଏପରି ହେଲେ ମୁଁ ଭାବିବି ଯେ ତୁ ମୋର ହିଁ ସେବା କଲୁ ଓ ସାରା ଅଯୋଧାବାସୀଙ୍କର ସେବା କଲୁ ।

ବୁଦ୍ଧଙ୍କ ପୁତ୍ର ଥିଲା ରାହୁଳ । ଯଶୋଧାରା ତାକୁ ସଂସ୍କାର ଦେଇଥିଲେ ଏବଂ ବୁଦ୍ଧଙ୍କ ତପ ଓ ତ୍ୟାଗରୁ ରାହୁଳ ସବୁ ଶିଖିଥିଲେ । ଅଶୋକଙ୍କର ଦୁଇ ଜଣ ସନ୍ତାନ ଥିଲେ । କନ୍ୟା ସଂଘମିତ୍ରା ଓ ପୁତ୍ର ମହେନ୍ଦ୍ର । ସେମାନେ ବୌଦ୍ଧଧର୍ମର ପ୍ରଚାର- ପ୍ରସାର କଲେ । ସେମାନେ କେବଳ ପ୍ରଚାର କଲେ ନାହିଁ, ବରଂ ବୁଦ୍ଧ ଭଗବାନଙ୍କୁ ସମର୍ପିତ ହୋଇଗଲେ । ସେହିପରି ମହାରାଣା ପ୍ରତାପଙ୍କ ହାତରେ ରୁଟି ଥିଲା, ଦୁଇ ପିଲାଙ୍କ ରୁଟି ଓ ତାଙ୍କ ନିଜର ରୁଟିକୁ ଭୁଆ ବିରାଡ଼ି ନେଇଗଲା, କିନ୍ତୁ ସେ ସାହସ ହାରିଲେ ନାହିଁ । ପିଲାମାନେ କହିଲେ – ''ପିତାଜି ! ବିରାଡ଼ି ନେଇଗଲେ ନେଇଯାଉ, ଆମକୁ ଭୋକ ଲାଗୁ ନାହିଁ । ଆମେ ଭୋକବିହୀନ, ଯେଉଁ ଶତ୍ରୁ ଆମ ଆଗରେ ଠିଆ ହୋଇଛି, ଆମକୁ କେବଳ ଶତ୍ରୁ ହିଁ ଦେଖାଯାଉଛି ଏବଂ ତା' ସହିତ ଲଢ଼ିବାର ସାହସ ଆମର ଅଛି । ଆମେ ଭୋକିଲା ନୋହୁଁ ।''

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଆଜିର ଚିନ୍ତନ

ବ୍ରହ୍ମସନ୍ଧ୍ୟା ସମାପନପୂର୍ବକ ଆଚାର୍ଯ୍ୟ ଜ୍ୟୋତିପାଦ ଆସନରୁ ଉଠିବାକୁ ଯାଉଥିଲେ । ଏହି ସମୟରେ କେହି ଜଣେ ବ୍ୟକ୍ତି ତାଙ୍କର ପାଦ ତଳେ ପଡ଼ି ପାଦ ଦୁଇଟିକୁ ଜାବୁଡ଼ି ଧରିଥିଲେ । ଜ୍ୟୋତିପାଦ ଦେଖିଲେ ସମ୍ମୁଖରେ ଆତ୍ମଦେବଙ୍କୁ ବିକଳ ହୋଇ ଆତ୍ମଦେବ କହିଥିଲେ- 'ଆଚାର୍ଯ୍ୟପ୍ରବର ! ମୁଁ ସନ୍ତାନ ଇଚ୍ଛାରେ ଆପଣଙ୍କ ନିକଟକୁ ଆସିଛି । ମୋର କାମନା ପୂରଣ କରନ୍ତୁ । ତ୍ରିକାଳଦର୍ଶୀ ଆଚାର୍ଯ୍ୟ କହିଥିଲେ 'ଆତ୍ମଦେବ ! ଏଭଳି ଅସଙ୍ଗତ, ବିଚିତ୍ର ଭିକ୍ଷା କରୁଛ କାହିଁକି ? ସନ୍ତାନଠାରୁ ସୁଖ ଆଶା କରିବା ଦୁରାଶା । ମନୁଷ୍ୟ ଆପଣା କଲା କର୍ମର ଫଳ ଭୋଗ କରିଥାଏ । ସେହି ଅନୁସାରେ ସୁଖଦୁଃଖ ଭୁଞ୍ଜିଥାଏ । ତୁମେ ତୁମର କୃତକର୍ମର ଫଳ ଭୋଗ କରୁଛ । ଏହାକୁ ଉଲ୍ଲଂଘନ କରିବାକୁ କାହିଁକି ଚେଷ୍ଟା କରୁଛ ? ପୂର୍ବଜନ୍ମରେ ତୁମେ ଅତିଶୟ କୃପଣ ପ୍ରକୃତିର ଥିଲ । କାହାକୁ କିଛି ବି ସାହାଯ୍ୟ କରିବା କି ଦାନ ଜନିତ ପୁଣ୍ୟ ଅର୍ଜନ କରିନାହିଁ । ସେହି ପାପ ଫଳ ହିଁ ତୁମର ଏ ଦୁର୍ଯୋଗକୁ ଡାକି ଆଣିଛି, ସନ୍ତାନହୀନର କାରଣ ହୋଇଛି । ଆତ୍ମଦେବ କିନ୍ତୁ ଏହାକୁ ଠିକ ଭାବରେ ଗ୍ରହଣ ନ କରି କହିଥିଲେ- ମହାତ୍ମନ୍ ! ଆଜି ମୁଁ ଆପଣଙ୍କଠାରୁ ପୁତ୍ର ନ ନେଇ (ପୁତ୍ର ଲାଭର ଆଶିଷ) ଫେରିବି ନାହିଁ, ନଚେତ୍ ଏଠାରେ ଆତ୍ମାହୁତି ଦେବି । ଏହା ଧାର୍ଯ୍ୟ ।

ଜ୍ୟୋତିପାଦ ବିସ୍ମିତ ହୋଇ କହିଥିଲେ- 'ଯାହା ଲାଗୁଛି ତୁମ ଲାଗି ଅନ୍ୟ କାହାରି ପୁଣ୍ୟକୁ ମୋତେ ଛିନ୍ନ କରିବାକୁ ପଡ଼ିବ । ପୁତ୍ର ତୁମର ଭାଗ୍ୟରେ ନାହିଁ । ହେଲେ ତୁମର ଇଚ୍ଛା ( ? ) ପରମାତ୍ମା ହିଁ ପୂର୍ଣ୍ଣ କରିବେ । ଏହା କହି ଗୋଟିଏ ଫଳ ଆତ୍ମଦେବଙ୍କୁ ଦେଇ କହିଥିଲେ- 'ନିଅ, ଏଇ ଫଳଟି ତୁମର ପତ୍ନୀଙ୍କୁ ଖାଇବାକୁ ଦେବ । ଏହା ସହିତ ଏକବର୍ଷ ପର୍ଯ୍ୟନ୍ତ ଶୁଦ୍ଧ-ପୂତ ଜୀବନଯାପନ କରିବ । ଦାନ କରିବ ଦୁଃଖୀରଙ୍କିଙ୍କୁ । ତୁମର ମନୋବାଞ୍ଛା ନିଶ୍ଚୟ ପୂର୍ଣ୍ଣ ହେବ ।

ଆତ୍ମଦେବ ଆଚାର୍ଯ୍ୟଙ୍କ ରହସ୍ୟମୟ କଥା ଶୁଣି କିଛି ବି ବୁଝିପାରି ନ ଥିଲେ । ପୁତ୍ର ଇଚ୍ଛାରେ ଅବ୍ୟବସ୍ଥିତ ଚିତ୍ତଯୁକ୍ତ ହୋଇ ଯାଇଥିଲେ । ଆପଣା ପତ୍ନୀ ଧୁନ୍ଧୁଲିଙ୍କୁ ଫଳଟି ଦେଇ ସବୁକଥା କହିଥିଲେ । ଧୁନ୍ଧୁଲି ମନେମନେ ଭାବିବାକୁ ଲାଗିଲେ- କାହିଁକି ପବିତ୍ର ଜୀବନଯାପନ କରିବି, ନିଜ ଧନକୁ ଅପରକୁ ଦାନ କରି ଅପବ୍ୟୟ କରିବି ? ଏହା କହି ଫଳଟି ଗାଈକୁ ଖୁଆଇ ଦେଇଥିଲେ ଓ ନିଜ ଭଗ୍ନୀପୁତ୍ରକୁ ଆଣି ଘୋଷଣା କରି ଦେଇଥିଲେ ଯେ ସେ ପୁତ୍ରରତ୍ନ ପ୍ରାପ୍ତ ହୋଇଛନ୍ତି । ପୁଅର ନାମ ରଖିଲେ ଧୁନ୍ଧୁକାରୀ । କାଳାନ୍ତରରେ ଧୁନ୍ଧୁକାରୀ ବହୁତ ଦୁରାଚାରୀ ହୋଇ ଯାଇଥିଲା । ପିତାଙ୍କର ସକଳ ଗଚ୍ଛିତ ସମ୍ପତ୍ତି ସେମାନଙ୍କ ସମ୍ମୁଖରେ ଧୁନ୍ଧୁକାରୀ ବରବାଦ କରି ଦେଇଥିଲା । ମାଂସ ଭୋଜନ, ମଦିରା ପାନ, ଜୁଆ ଖେଳ, ବେଶ୍ୟାଳୟ ଗମନ ଆଦି ସକଳ ନିନ୍ଦନୀୟ କର୍ମ ତା'ର ନିତ୍ୟ ସହଚର ହୋଇ ଯାଇଥିଲା ଓ ଏହି ମାର୍ଗରେ ସବୁ ସମ୍ପତ୍ତି ନଷ୍ଟ କରି ଦେଇଥିଲା । ମାତା-ପିତା ସେମାନଙ୍କ କଷ୍ଟାର୍ଜିତ ସମ୍ପତ୍ତିର ଦୁରୁପଯୋଗ, ପୁଅର ଏଭଳି ଦୁଷ୍ପ୍ରବୃତ୍ତି ଦେଖି ହା-ହତାଶରେ, ବଡ଼ ଦୁଃଖୀ, ଗ୍ଲାନି ପଶ୍ଚାତ୍ତାପରେ ପ୍ରାଣତ୍ୟାଗ କରିଥିଲେ । ଧୁନ୍ଧୁକାରୀ ମଧ କୃତକର୍ମର ଫଳସ୍ୱରୂପ ଅସମୟରେ କାଳକବଳିତ ହୋଇଥିଲା । ସନ୍ତାନହୀନ ହେଲେ ମଧ ବିଶ୍ୱକୁ ଆପଣା ପରିବାର ଭାବି ନିପୀଡିତ ଦୀନଦୁଃଖୀଙ୍କୁ ନିଜର ସନ୍ତାନ ମନେକରି ସେମାନଙ୍କ କଲ୍ୟାଣାର୍ଥେ ସଞ୍ଚିତ ଅର୍ଥ ବ୍ୟୟ କରିଥିଲେ ଆତ୍ମଦେବ ଏପରି ତିଳତିଳ କରି ଜଳିପୋଡ଼ି ମରି ନଥାନ୍ତେ । ସେଇଥିପାଇଁ କୁହାଯାଇଥାଏ ବରଂ ପୁତ୍ରହୀନ ହେବା ଭଲ କିନ୍ତୁ ଦୁଶ୍ଚରିତ୍ର ପୁଅର ପିତା ହେବା ଅତି ଦୁଃଖଦାୟକ ।

ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା- ୫୨, ୨୫ - ୩୧ ଡିସେମ୍ବର ୨୦୨୨

# ପୁରସ୍କାରର ମର୍ଯ୍ୟାଦା କ୍ଷୁର୍ଣ୍ଣ ନ ହେଉ


**ପୁ**ରସ୍କାର ଯେଉଁଠି ବିତର୍କ ସେଇଠି । ଗାଆଁରେ ଗହ୍ମା ପୂର୍ଣ୍ଣମୀରେ ନଡ଼ିଆ ଲଢ଼େଇଠୁ ଆରମ୍ଭ କରି ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ପର୍ଯ୍ୟନ୍ତ ସବୁଠି ବିତର୍କ । କିଏ ପାଇଲା କିଏ ପାଇଲାନି ଉଭୟକୁ ନେଇ ବିତର୍କ । ଚାକିରୀ ଜୀବନକାଳ କଥା ଦେଖନ୍ତୁ । ପଦୋନ୍ନତି ହେଉଛି ଚାକିରୀ ଜୀବନରେ ଦକ୍ଷତାର ପୁରସ୍କାର, କିନ୍ତୁ ଅନେକ ସମୟରେ ଦକ୍ଷ, ନିରପେକ୍ଷ ଓ ସୁଯୋଗ୍ୟ କର୍ମଚାରୀ ଏହି ପୁରସ୍କାରରୁ ବଞ୍ଚିତ ହୁଅନ୍ତି । ଏହି ବଞ୍ଚନାର କ୍ଷତରୁ ଯେଉଁ ରକ୍ତକ୍ଷରଣ ହୁଏ ତାହା ବ୍ୟକ୍ତି, ପ୍ରତିଷ୍ଠାନ, ସମାଜ ଓ ରାଷ୍ଟ୍ରପାଇଁ କ୍ଷତିକାରକ । ପାଣିରେ ଘର କରି କୁମ୍ଭୀର, ସଙ୍ଗେ ବୈର ଭାବ ବୁଦ୍ଧିମାନର କାମ ନୁହେଁ ଭାବି କେତେକ ପଦୋନ୍ନତିରୁ ବଞ୍ଚିତ ହୋଇ ମଧ ନିରବ ରହନ୍ତି । ଆଉ କେହି ତାତ୍କାଳିକ ଲାଭ କ୍ଷତିରେ ସଫଳତା ଓ ବ୍ୟର୍ଥତାକୁ ମାନଦଣ୍ଡ ମନେକରି ପ୍ରଚଣ୍ଡ ରାଗ ଓ ଅଭିମାନରେ ସ୍ୱେଚ୍ଛାକୃତ ଅବସର ନିଅନ୍ତି । କିଛି ପୀଡ଼ିତ କର୍ମଚାରୀ ନ୍ୟାୟ ପାଇଁ ଅଦାଲତର ଦ୍ୱାରସ୍ଥ ହୁଅନ୍ତି । ଏହାର ମୂଳ କାରଣଟି ହେଉଛି ପଦୋନ୍ନତି ପ୍ରକ୍ରିୟାରେ ଅସ୍ୱଚ୍ଛତା ବା ପାରଦର୍ଶିତାର ଅଭାବ । ଏହା ହିଁ ସମସ୍ତ ପୁରସ୍କାରର ମୂଳ ଚରିତ୍ର ବା ଅନ୍ତର୍ନିହିତ ଦ୍ୱନ୍ଦ୍ୱ ଓ ବିତର୍କର ମୁଖ୍ୟ କାରଣ ।

ପୁରସ୍କାର ସାଧାରଣତଃ କର୍ମଦକ୍ଷତାର ଉଜ୍ଜ୍ୱଳ ନିଦର୍ଶନ ବା ଶ୍ରେଷ୍ଠତ୍ୱ ପ୍ରତିପାଦନ ନିମନ୍ତେ ଦିଆଯାଇଥାଏ । ଏହାର ବିଚାର ବିବେଚନା ଦୁଇ ପ୍ରକାରର । ବସ୍ତୁନିଷ୍ଠ ବା ନୈର୍ବ୍ୟକ୍ତିକ ଏବଂ ବ୍ୟକ୍ତିନିଷ୍ଠ ବା ବ୍ୟକ୍ତି ଆଧାରିତ । ଯେଉଁଠି ମେସିନ ବା ପ୍ରଯୁକ୍ତି ଜ୍ଞାନ କୌଶଳର ସାହାଯ୍ୟ ନିଆଯାଇ ଯୋଗ୍ୟତାର ଚୂଡ଼ାନ୍ତ ନିଷ୍କ୍ରିୟ କରାଯାଏ ତାହାକୁ ବସ୍ତୁନିଷ୍ଠ ବା ନୈର୍ବ୍ୟକ୍ତିକ ବିବେଚନା କୁହାଯାଏ । ୧୯୮୪ ଲସ ଆଞ୍ଜେଲସ ଅଲିମ୍ପିକର ସେହି ଅବିସ୍ମରଣୀୟ ଘଟଣା । ଦୌଡକୁଦ ରାଣୀ ପି.ଟି ଉଷା ଏହି ଅଲିମ୍ପିକରେ ୪୦୦ ମିଟର ହର୍ଡଲ୍ସ ପ୍ରତିଯୋଗିତାରେ ଏକ ସେକେଣ୍ଡର ଏକ ଶତାଂଶରୁ କମ୍ ବ୍ୟବଧାନରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ । କେବଳ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଯୋଗୁ ଏହାକୁ ନିର୍ଭୁଲ ଭାବରେ ମାପିବା ସମ୍ଭବ ହୋଇଥିଲା । କୌଣସି ବ୍ୟକ୍ତିର ବୁଦ୍ଧି, ବିବେକ ଏହାକୁ ନିଶ୍ଚୟ କରିପାରିନଥାନ୍ତା । ତେଣୁ ଏହାକୁ ନୈର୍ବ୍ୟକ୍ତିକ ବିଚାର କୁହାଯାଏ । ଏଥିରେ ବିତର୍କର ସମ୍ଭାବନା କମ୍ ।

ଅପର ପକ୍ଷରେ ଜୀବନର ବେଶୀଭାଗ କ୍ଷେତ୍ରରେ ଯୋଗ୍ୟତାର ପରିମାପ ବ୍ୟକ୍ତିନିଷ୍ଠ । ବିଚାରକର ବ୍ୟକ୍ତିଗତ ବିବେଚନା ଉପରେ ଏହା ନିର୍ଭରଶୀଳ । ତେଣୁ କେଉଁ କବି ଗାଳ୍ପିକ, ଔପନ୍ୟାସିକ ବା ପ୍ରାବନ୍ଧିକ ତାଙ୍କର ସାହିତ୍ୟ କୃତୀ ପାଇଁ ଅନ୍ୟ ସାହିତ୍ୟିକଙ୍କଠାରୁ କେତେ ଆଗୁଆ, ନାଗରିକ ସମ୍ମାନ ପାଇବାପାଇଁ କାହାର କୃତିତ୍ୱ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ବା ପୁରସ୍କାର ପାଇବାପାଇଁ କିଏ ଅଧିକ ଉପଯୁକ୍ତ ଏସବୁ ମାପିବାପାଇଁ ଏଯାଏ ନିର୍ଦ୍ଦିଷ୍ଟ ଯନ୍ତ୍ର ଆବିଷ୍କୃତ ହୋଇ ନାହିଁ । ଠିକ୍ ସେମିତି ଜ୍ଞାନପୀଠ ପୁରସ୍କାର କ୍ଷେତ୍ରରେ ପ୍ରାନ୍ତୀୟ ସାହିତ୍ୟ ହେଉ ବା ନୋବେଲ ପୁରସ୍କାର କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଶର ସାହିତ୍ୟିକଙ୍କର କୃତୀ ଓ କୀର୍ତ୍ତି ହେଉ ସବୁ ସାହିତ୍ୟ ଚର୍ଚ୍ଚା ସମାନ ଗୁରୁତ୍ୱ ପାଏ ନାହିଁ । ସ୍ଥଳବିଶେଷରେ ଏହା ଜାତି ଧର୍ମ ବର୍ଣ୍ଣର ସଂକୀର୍ଣ୍ଣତାରେ ସୀମାବଦ୍ଧ । କିନ୍ତୁ ଆମର ଦୃଢ଼ ଧାରଣା ନିର୍ଦ୍ଦିଷ୍ଟ କ୍ଷେତ୍ରର ବିଶେଷଜ୍ଞମାନେ ନିରପେକ୍ଷ ଭାବେ ଉତ୍କର୍ଷର ବିଚାର କରି ସିଦ୍ଧାନ୍ତ ନିଅନ୍ତି ; କିନ୍ତୁ ଅନେକାଂଶରେ ଏହା ଠିକ୍ ବିପରୀତ । ତା ନହୋଇଥିଲେ ପାଞ୍ଚଥର ମନୋନୀତ ହେବା ସତ୍ତ୍ୱେ ସତ୍ୟର ପୂଜାରୀ ମହାତ୍ମା ଗାନ୍ଧୀ 'ଶାନ୍ତି' ପାଇଁ ଓ ଖ୍ୟାତନାମା ରୁଷ ଔପନ୍ୟାସିକ ଲିଓ ଟଲଷ୍ଟୟ ସାହିତ୍ୟ ପାଇଁ ନୋବେଲ ପୁରସ୍କାରରୁ ବଞ୍ଚିତ ହୋଇ ନଥାନ୍ତେ । ମନୋନୀତ ହୋଇ ମଧ ଋଷି ଅରବିନ୍ଦ ସାବିତ୍ରୀ ମହାକାବ୍ୟ ପାଇଁ କାହିଁକି ନୋବେଲ ପୁରସ୍କାର ପାଇଲେ ନାହିଁ ଓ ବିଶିଷ୍ଟ କଥାକାର ମନୋଜ ଦାସ କାହିଁକି ଜ୍ଞାନପୀଠ ପୁରସ୍କାରରୁ ବଞ୍ଚିତ ହେଲେ, ଏହାର ଉତ୍ତର ଆଶା କରିବା ନିରର୍ଥକ । ଏଥିସହ କେତେକଙ୍କ ମତରେ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଓଜସ୍ୱିନୀ ଭାଷଣକୁ ଓ ବବ ଡିଲନଙ୍କୁ ସଂଗୀତକୁ ଯେପରି ସମ୍ପ୍ରସାରିତ କରି ସାହିତ୍ୟ କୃତି ଭାବେ ବିଚାର କରାଯାଇ ନୋବେଲ ପୁରସ୍କାର ଦିଆଗଲା ତାହା ଅପ୍ରତ୍ୟାଶିତ ଓ ତର୍କ ସାପେକ୍ଷ । ପୁଣି ଉତ୍ତର ଭିଏତନାମ ଓ କାମ୍ବୋଡ଼ିଆରେ ଆମେରିକା ପ୍ରରୋଚନାରେ ବୋମା ବର୍ଷଣ ହେଉଥିଲା ବେଳେ ଏପରିକି ବିଚାରକ ମଣ୍ଡଳୀର ଦୁଇଜଣ ସଦସ୍ୟଙ୍କ ଇସ୍ତଫା ସତ୍ତ୍ୱେ ୧୯୭୩ ମସିହାରେ ଆମେରିକାର ତତ୍କାଳୀନ ବିଦେଶମନ୍ତ୍ରୀ ହେନେରୀ କିସିଞ୍ଜରଙ୍କୁ ଯେପରି ଭିଏତନାମ ଯୁଦ୍ଧ ବିରାମ ପାଇଁ ନୋବେଲ ଶାନ୍ତି ପୁରସ୍କାର ଦିଆଗଲା ବା ୧୯୯୪ରେ ପାଲେଷ୍ଟାଇନ ଓ ଇସ୍ରାଏଲ ନେତାମାନଙ୍କୁ ଯେପରି ଅସଲୋ ଶାନ୍ତି ଚୁକ୍ତି ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଗଲା ତାହା ବିତର୍କର ନିଆଁରେ ଘିଅ ଢାଳିଲା ପରି କାରଣ ଏପର୍ଯ୍ୟନ୍ତ ବି ପାଲେଷ୍ଟାଇନ ଓ ଇସ୍ରାଏଲର ସଂଘର୍ଷର ପରିସମାପ୍ତି ଘଟିନି ।

ଠିକ୍ ସେମିତି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ସମ୍ବିଧାନର ନିର୍ମାତା ଭୀମରାଓ ଆମ୍ବେଦକରଙ୍କୁ ତାଙ୍କ ମହାପ୍ରୟାଣର ପ୍ରାୟ ଚାରି ଦଶନ୍ଧି ପରେ ଭାରତରତ୍ନ ଉପାଧି ଦିଆଗଲା । ଏହା ସେଇ ମନୀଷୀମାନଙ୍କର ଗୌରବୋଜ୍ଜ୍ୱଳ ଅବଦାନର ଅନାଦର ନୁହେଁ କି ? ପରିତାପର କଥା ଏହି ଅତିପାତର ତାଲିକା ସୁଦୀର୍ଘ ।

ପୁରସ୍କାରର ବିଚାର ଯୋଗ୍ୟତା, ବିଶ୍ୱସନୀୟତା ଓ ସମ୍ମାନ ବଜାୟ ରଖିବାର ଦାୟିତ୍ୱ ଉଭୟ ପୁରସ୍କାର ପ୍ରଦାନ କରୁଥିବା ପ୍ରତିଷ୍ଠାନ ଓ ବିଚାରକ ମଣ୍ଡଳୀଙ୍କର । ସ୍ମରଣରେ ରହିବା ଉଚିତ ବିଚାରକମଣ୍ଡଳୀଙ୍କ ବ୍ୟତୀତ ସମାଜରେ ଅନେକ ଯୋଗ୍ୟ, ବିଜ୍ଞ ଓ ବିଶେଷଜ୍ଞ ଅଛନ୍ତି । ଯଦି ସେମାନେ କେବେ ପୁରସ୍କାରପ୍ରାପ୍ତିର କୃତିତ୍ୱ ଓ କୃତିର ଗୁଣଗତ ମାନ ସମ୍ବନ୍ଧରେ ପ୍ରଶ୍ନ କରନ୍ତି ଓ ଯଦି ତାର ଯଥାଯଥ ଉତ୍ତର ମିଳେ ନାହିଁ ତେବେ ପୁରସ୍କାରର ଗୁରୁତ୍ୱ ଓ ପ୍ରତିଷ୍ଠାନର ବିଶ୍ୱାସ ଯୋଗ୍ୟତା ଧୂମିଳ ହୁଏ । ଆମେ ମନେରଖିବା ଉଚିତ ଯେମିତି ଯୋଗ୍ୟ ବ୍ୟକ୍ତିମାନେ ପୁରସ୍କାରରୁ ବଞ୍ଚିତ ହେବା ଗର୍ହିତ ଅପରାଧ ଠିକ ସେମିତି ଶିକ୍ଷାଠାରୁ ଡିଗ୍ରୀର ମହତ୍ତ୍ୱ ବା କୃତିତ୍ୱ ତୁଳନାରେ ପୁରସ୍କାରର ଗୁରୁତ୍ୱ ବେଶୀ ହେବା ଅବାଞ୍ଛିତ ଓ ବିପଜ୍ଜନକ । ପୁରସ୍କାର ନିର୍ଦ୍ଦିଷ୍ଟ ମତାଦର୍ଶଗତ ରାଜନୀତିର ବଦାନ୍ୟତା ନହେଉ । ପୃଷ୍ଠପୋଷକତାର ଛତ୍ରଛାୟା ତଳେ ଅଯୋଗ୍ୟମାନଙ୍କର ଆଧିପତ୍ୟରେ ପୁରସ୍କାର ଆନୁଗତ୍ୟର ସ୍ୱୀକୃତି ନହେଉ । ଗୋଷ୍ଠୀ, ଦଳ, ସୃଜନପ୍ରୀତିର ଲାଳନ ପାଳନର ପ୍ରବଣତାରେ ଓ ପଦଲେହନକାରୀଙ୍କର ଚାଟୁକାରିତାର ଚମତ୍କାରିତାରେ ପୁରସ୍କାରର ମର୍ଯ୍ୟାଦା କ୍ଷୁର୍ଣ୍ଣ ନହେଉ । ଏହା ଗଣତନ୍ତ୍ରର ପରିସର ମଧଦେଇ ଯୋଗ୍ୟତା ଓ କୃତିତ୍ୱର ସ୍ୱୀକୃତି ହେଉ । ମେଧା ଓ ପରିଶ୍ରମର ଯୁଗଳବନ୍ଦୀରେ ସାଧନାର ସିଦ୍ଧି ହେଉ ।



# ସୁରାପାନ

## ମହାତ୍ମା ଗାନ୍ଧୀ

**ଉ**ପରକୁ ସତ୍ୟ ବୋଲି ମନେ ହେଉଥିବା ଏହି ଯୁକ୍ତିଟିର ଜାଲରେ ତୁମେ କଦାପି ପଡ଼ିଯିବ ନାହିଁ ଯେ, ଭାରତକୁ ବାଧ କରି ସୁରାପାନରୁ ମୁକ୍ତ କରାଯିବା ଉଚିତ ନୁହେଁ ଏବଂ ଯେଉଁମାନେ ସୁରାପାନ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ସେଥିଲାଗି ଅବଶ୍ୟ ସୁବିଧାମାନ ଯୋଗାଇ ଦିଆଯିବା ଉଚିତ । ରାଷ୍ଟ୍ର କଦାପି ନିଜ ଜନଗଣଙ୍କର ପାପାଚରଣ ନିମନ୍ତେ ସୁବିଧାମାନ ଆଣି ଖଞ୍ଜିଦିଏ ନାହିଁ । ଆମେ ବେଶ୍ୟାଳୟ ଗୁଡ଼ିକର କୌଣସି ନିୟନ୍ତ୍ରଣ କରୁନାହିଁ ବା ସେଗୁଡ଼ିକ ଲାଗି ଅନୁମତିପତ୍ର ପ୍ରଦାନ କରୁନାହିଁ । ଚୋରି କରିବାଲାଗି ଚୋରମାନଙ୍କର ରହିଥିବା ପ୍ରବୃତ୍ତି ଚରିତାର୍ଥ ହେବ ବୋଲି ଆମେ କଦାପି ଚୋରମାନଙ୍କୁ ସୁବିଧା ଯୋଗାଇ ଦେଉନାହିଁ । ମୁଁ ସୁରାପାନକୁ ଚୋରି କରିବା ଠାରୁ ଅଧିକ ନିନ୍ଦନୀୟ ବୋଲି ବିଚାର କରେ, ଏପରିକି ହୁଏତ ବେଶ୍ୟାବୃତ୍ତି ଠାରୁ ମଧ ଅଧିକ ନିନ୍ଦନୀୟ ବୋଲି ବିଚାର କରେ । ସୁରାପାନ ହିଁ ଉକ୍ତ ଉଭୟଟିର ଜନକ ପରି କାର୍ଯ୍ୟ କରେ ନାହିଁ କି ?

ସୁରାପାନକୁ ପାପ ଅପେକ୍ଷା ଏକ ରୋଗ ବୋଲି ଅଧିକ ପରିମାଣରେ କୁହାଯିବ । ମୁଁ କୋଡ଼ି କୋଡ଼ି ଲୋକଙ୍କୁ ଜାଣେ, ଯେଉଁମାନେ କି ପାରିଲେ ଖୁସୀ ହୋଇ ସୁରାପାନକୁ ବର୍ଜନ କରିବେ । ମୁଁ ଏପରି ଲୋକଙ୍କୁ ଜାଣେ ଯେଉଁମାନେ କି ସେମାନଙ୍କ ଠାରୁ ପ୍ରଲୋଭନଟିକୁ ଦୂରକୁ ନେଇ ନିଆଯାଉ ବୋଲି ଅନୁରୋଧ କରିଛନ୍ତି । ସେମାନଙ୍କ କ୍ଷେତ୍ରରେ ପ୍ରଲୋଭନଟିକୁ ଦୂରକୁ ନେଇ ନିଆଯାଇଥିଲେ ମଧ ମୋ' ଜାଣିବାରେ ସେମାନେ ସୁରା ଚୋରାଇ ଆଣି ପିଇଛନ୍ତି । ସେମାନଙ୍କର ନିଜର ଇଚ୍ଛା ନ ଥିଲେ ମଧ ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କୁ ଅବଶ୍ୟ ସାହାଯ୍ୟ କରିବାକୁ ପଡ଼ିବ ।

ମେଲେରିଆ ବା ତତ୍ତୁଲ୍ୟ ଅନ୍ୟାନ୍ୟ ରୋଗ ଯେତେ ଅନିଷ୍ଟର କାରଣ ହେଉଛନ୍ତି, ସୁରାପାନ ଓ ନିଶା ସେବନ ଅନେକ ଦୃଷ୍ଟିରୁ ଅନନ୍ତ ଗୁଣରେ ଅଧିକ ଅନିଷ୍ଟ କରୁଛନ୍ତି । କାରଣ, ମେଲେରିଆ ତ କେବଳ ଦେହର କ୍ଷତି କରୁଛି, ମାତ୍ର ଅନ୍ୟ ଦୁଇଟି ଶରୀର ଏବଂ ଆତ୍ମା ଉଭୟଙ୍କୁ ନଷ୍ଟ କରି ଦେଉଛନ୍ତି ।

ଆମ ଭିତରେ ହଜାର ହଜାର ସୁରାସକ୍ତ ମନୁଷ୍ୟ ରହିବା ଅପେକ୍ଷା ଭାରତବର୍ଷ ବରଂ କାଙ୍ଗାଳ ହୋଇ ଯିବାକୁ ମୁଁ ଅଧିକ ପସନ୍ଦ କରିବି । ଭାରତକୁ ସୁରାପାନରୁ ମୁକ୍ତ କରିବା ନିମନ୍ତେ ତାହାକୁ ଶିକ୍ଷାରୁ ବଞ୍ଚିତ କରି ରଖିବା ଯଦି ଏକମାତ୍ର ଉପାୟ ହୁଏ, ତେବେ ମୁଁ ଭାରତ ଶିକ୍ଷାରୁ ବଞ୍ଚିତ ହୋଇ ରହୁ ବୋଲି ଅଧିକ ପସନ୍ଦ କରିବି ।

ସୁରାପାନର ଅଭ୍ୟାସ ଭିତରେ ପଡ଼ି ଯାଇଥିବା ଗୋଟିଏ ଜାତିର ଭାଗ୍ୟରେ ସର୍ବନାଶ ବ୍ୟତୀତ ଆଉ କିଛି ନାହିଁ । ଇତିହାସ ସାକ୍ଷ୍ୟ ଦେଇଯାଏ ଯେ, ସେହି ଅଭ୍ୟାସଟିର କାରଣରୁ କେତେ କେତେ ସାମ୍ରାଜ୍ୟ ଛାରଖାର ହୋଇ ଯାଇଛି । ଭାରତବର୍ଷରେ ମଧ ଦୃଷ୍ଟାନ୍ତ ରହିଛି ଯେ, ଶ୍ରୀକୃଷ୍ଣ ଯେଉଁ ଲୋକସମୂହରେ ଜଣେ ସଦସ୍ୟ ଥିଲେ, ସେଇଟି ମଧ ଉକ୍ତ ଅଭ୍ୟାସ ଦ୍ୱାରା ଛାରଖାର ହୋଇ ଯାଇଥିଲା । ରୋମ୍‌ର ପତନରେ ମଧ ନିଃସନ୍ଦେହ ଭାବରେ ପ୍ରଚଣ୍ଡ ମନ୍ଦଟି ଏକ ସହାୟକ ରୂପେ କାର୍ଯ୍ୟ କରିଥିଲା ।

ସୁରାପାନର ଅଭ୍ୟାସ ମନୁଷ୍ୟର ଆତ୍ମାକୁ ନଷ୍ଟ କରିଦିଏ ଏବଂ ତାହାକୁ ଗୋଟିଏ ପଶୁରେ ପରିଣତ କରିଦେବାର ପ୍ରବୃତ୍ତି ରଖିଥାଏ । ମଣିଷ ଆଉ ତା'ପରେ ପତ୍ନୀ, ମାଆ ଏବଂ ଭଉଣୀ ମଧରେ ବି କୌଣସି ଭେଦ ରଖିପାରେ ନାହିଁ । ସୁରାର କୁପ୍ରଭାବରେ ପଡ଼ି ମନୁଷ୍ୟମାନେ ଏହି ଯାବତୀୟ ଭେଦକୁ ଭୁଲି ଯାଉଥିବାର ମୁଁ ନିଜେ ଦେଖିଛି ।

ଏଥିରେ ମୋ'ର କୌଣସି ସନ୍ଦେହ ନାହିଁ ଯେ, ବିଚରା ସୁରାପାନକାରୀ ମାନଙ୍କର ନୈତିକ ତଥା ଭୌତିକ ସମ୍ବଳକୁ ହରଣ କରି ନେଉଥିବା ଏହି ଟିକସ ଆଉ ଆଉ ନ ଆସିଲେ ଦେଶର ଯାହା କ୍ଷତି ହେବ, ସୁରାପାନ ବନ୍ଦ କରିଦେବା ଦ୍ୱାରା ହେଉଥିବା ଲାଭ ଅବଶ୍ୟ ତାହାର କ୍ଷତିପୂରଣ କରାଇନେବ ଓ ଆହୁରି ଅଧିକ ଆୟର କାରଣ ହେବ । ପୁନଶ୍ଚ, ସମରବିଭାଗର ବ୍ୟୟବୋଝଟି, ଯାହାକୁ ସମର୍ଥନ କରି ଅବକାରୀ ବିଭାଗର ଖଜଣାକୁ ଅବଶ୍ୟ ରଖିବାକୁ ପଡ଼ିବ ବୋଲି ଏପର୍ଯ୍ୟନ୍ତ ଯୁକ୍ତି ଦର୍ଶାଯାଇ ଆସିଛି, ସ୍ୱାଧୀନ ଭାରତରେ ତାହାର କୌଣସି ଅବକାଶ ରହିବ ନାହିଁ ଏବଂ ସେତେବେଳେ ସେହି ବୋଝଟି ମଧ ରହିବ ନାହିଁ । ତେଣୁ, କୌଣସି ବିଳମ୍ବ ନକରି ଓ ଅକୁଣ୍ଠଭାବରେ ଅବକାରୀ ବିଭାଗର ଟିକସ ଆୟକୁ ଛାଡ଼ିବାକୁ ପଡ଼ିବ । ଏହି ବାବଦର ଟିକସ ଆଉ ଆସିବ ନାହିଁ, ଏହି ଭାବନାଟି ଯେପରି ଉପସ୍ଥିତ ଅତ୍ୟାବଶ୍ୟକ ସଂସ୍କାରଟିକୁ ଅଗ୍ରସର କରାଇ ନେବାରେ ଆଦୌ କୌଣସି ହସ୍ତକ୍ଷେପ ନକରେ !...

ନିଶାନିବାରଣର ସକାରାତ୍ମକ ଦିଗଟି ତାହାର ନକାରାତ୍ମକ ଦିଗଟି ସହିତ ସମାନ୍ତର ହୋଇ ରହିଥିବା ଉଚିତ । ସକାରାତ୍ମକ ପ୍ରତିକାରଟି ସୁରାପାନ କରୁଥିବା ବ୍ୟକ୍ତିକୁ ଏପରି ନାନା ପ୍ରତିଆକର୍ଷଣ ଆଣି ଯୋଗାଇ ଦେବ, ଯାହାକି ତାକୁ ସ୍ୱାସ୍ଥ୍ୟ ପ୍ରଦାନ କରିବ ଏବଂ ନିର୍ଦ୍ଦୋଷ ମନୋରଞ୍ଜନର ଅବସରଗୁଡ଼ିକୁ ମଧ ଆଣିଦେବ ।

କେବଳ ମୋ' ଉପରେ ଏବଂ ଅନ୍ୟମାନଙ୍କ ଉପରେ ପ୍ରୟୋଗମାନ କରି ହିଁ ମୁଁ ଉପରକୁ ଉଡ଼ିଯାଇ ପାରିବି । ମୁଁ ଈଶ୍ୱରଙ୍କର ପରମ ଅଦ୍ୱିତୀୟତାରେ ବିଶ୍ୱାସ କରେ ତେଣୁ, ମନୁଷ୍ୟସମାଜର ଅଦ୍ୱିତୀୟତାରେ ମଧ ବିଶ୍ୱାସ କରେ । ଆମର ଯେ ଅନେକ ଶରୀର ଅଛି, ଏ କଥାଟି କାହିଁକି ଏକ ଅନ୍ତରାୟ ହୋଇ ଠିଆହେବ ? ଆମର କେବଳ ଗୋଟିଏ ଆତ୍ମା ରହିଛି । ପ୍ରତିଫଳନ ଦ୍ୱାରା ସୂର୍ଯ୍ୟର ରଶ୍ମିଗୁଡ଼ିକ ଅନେକ ହୋଇ ଯାଉଛନ୍ତି । ମାତ୍ର ସେମାନଙ୍କର ଉତ୍ସ ଗୋଟିଏ । ତେଣୁ, ମୁଁ ନିଜକୁ ସବୁଠାରୁ ଅଧିକ ଦୁଷ୍ଟ ବ୍ୟକ୍ତିଠାରୁ ମଧ ବିଚ୍ଛିନ୍ନ କରିନେଇ ପାରିବି ନାହିଁ । (ସେହି କାରଣରୁ, ମୋତେ ସବୁଠାରୁ ଅଧିକ ଗୁଣଯୁକ୍ତ ବ୍ୟକ୍ତି ସହିତ ଏକାତ୍ମ ହୋଇ ରହିବାରୁ କେହି ବଞ୍ଚିତ କରିପାରିବ ନାହିଁ ।) ତେଣୁ, ମୁଁ ଇଚ୍ଛା କରେ ବା ନ କରେ, ମୋତେ ମୋ'ର ପ୍ରୟୋଗ ଗୁଡ଼ିକରେ ସବୁ ମନୁଷ୍ୟଙ୍କୁ ନାନା ପ୍ରୟୋଗର କେବଳ ଏକ ଅଶେଷ ଶୃଙ୍ଖଳା ବୋଲି କୁହାଯାଇ ପାରିବ ।

# ସ୍ୱାସ୍ଥ୍ୟ ପାଇଁ ଭଲ ଘିଅ

**କେ**ବଳ ଭାରତୀୟ ବ୍ୟଞ୍ଜନରେ ତାହା ପୁଣି ବିଶେଷ କରି ଉତ୍ତର ଭାରତ ଓ ପଞ୍ଜାବରେ ଘିଅର ବ୍ୟବହାର ବହୁତ ମାତ୍ରାରେ ହୋଇଥାଏ । ଅନେକଙ୍କ ଧାରଣା ଯେ ଘିଅ ଖାଇଲେ ଓଜନ ବଢ଼ିବା ସହ କୋଲେଷ୍ଟରଲ ସ୍ତର ବୃଦ୍ଧି ହୁଏ । ଏ ବାବଦରେ ଖାଦ୍ୟ ବିଶେଷଜ୍ଞଙ୍କ ଯୁକ୍ତି ହେଉଛି ଶୁଦ୍ଧ ଘିଅର ଉପଯୋଗ ବ୍ୟଞ୍ଜନରେ କଲେ ବରଂ ଶରୀରର ଶକ୍ତି ବୃଦ୍ଧି ହୋଇଥାଏ ।

ପ୍ରତ୍ୟହ ଘିଅ ସେବନ କଲେ ତ୍ୱଚାରେ ବିଶେଷ ଚମକ ଆସିବା ସହ ଶୁଷ୍କ ହୋଇ ନ ଥାଏ ।



ଘିଅରେ ଥିବା ଭିଟାମିନ୍ ଏ ଆଖିର ଜ୍ୟୋତିକୁ ବଢ଼ାଇବା ସହ ଗ୍ଲୁକୋମା ରୋଗରୁ ରକ୍ଷା କରେ । ଆଣ୍ଠୁଗଣ୍ଠି ରୋଗୀ କିମ୍ବା ବାର୍ଦ୍ଧକ୍ୟରେ ଆକ୍ରାନ୍ତ ହେବା ପରେ ଶରୀର ପୀଡ଼ା ହେଲେ, ଘିଅର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ କରିବା ଉଚିତ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ଘିଅ ଖାଦ୍ୟକୁ ଶୀଘ୍ର ହଜମ କରିଥାଏ । ଏଣୁ ଘିଅ ଖାଇଲେ ବଦହଜମ ହେବା ଆଶଙ୍କା ଆଦୌ ନାହିଁ ବୋଲି ବିଶେଷଜ୍ଞଙ୍କ ମତ ।

ନିଜ ସ୍ମୃତିଶକ୍ତିକୁ ବୟସ୍କ ଲୋକେ ଠିକ୍ ରଖିବାକୁ ଚାହୁଁଥିଲେ, ଶୁଦ୍ଧ ଘିଅର ଉପଯୋଗ ଖାଦ୍ୟରେ କରିବା ସବୁଠୁ ଉଚିତ ଉପାୟ ।

ନିୟମିତ ଘିଅ ସେବନ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।

ଧାନରେ ରଖିବେ ଯେ ଘିଅର ଉପଯୋଗିତା, ସର୍ବାଧିକ, ତେବେ ଏହା ଶୁଦ୍ଧ ହେବା ନିତାନ୍ତ ଆବଶ୍ୟକ । ମିଶ୍ରିତ ଘିଅ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

# ସ୍ୱର୍ବେଦ

**ଶବ୍ଦ ରୂପ ପରଂବ୍ରହ୍ମ ହୈ, ପରମ ପୁରୁଷ ସବ ପାର ।**
**ଭିନ୍ନ ବ୍ରହ୍ମ ସବ ଜୀଓ୍ୱ ହୈ, ସବ ପର ଏକ ଅଧାର ॥୧୦॥**

ଭାଷ୍ୟ - ଶବ୍ଦ ସ୍ୱରୂପ ପରଂବ୍ରହ୍ମ ପରମ ପୁରୁଷ ସର୍ବୋପରି ଅଟନ୍ତି । ତାଙ୍କଠାରୁ ଭିନ୍ନ ବ୍ରହ୍ମ ତଥା ସମସ୍ତ ଜୀବ ଅଟନ୍ତି । ଏ ସମସ୍ତଙ୍କର ଆଧାର ନିଃଶବ୍ଦ ପୂର୍ଣ୍ଣ ପୁରୁଷ ଅଟନ୍ତି ।

**ସର୍ୱ୍ୱ ବ୍ୟାପୀ ସର୍ୱ୍ୱଜ୍ଞ ହୈ, ସର୍ୱ୍ୱ ଶକ୍ତି ଜଗଧାର ।**
**ସଚ୍ଚିଦାନନ୍ଦ ସ୍ୱରୂପ ହୈ, ଜଗଦାତମ ସବ ନ୍ୟାର ॥୧୧॥**

ଭାଷ୍ୟ - ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ, ଜଗତର ଆଧାର, ସଚ୍ଚିଦାନନ୍ଦ ସ୍ୱରୂପ ଏବଂ ସର୍ବାନ୍ତର୍ଯାମୀ ପରମ ପୁରୁଷ ସମସ୍ତଙ୍କ ଉପରେ ରହିଛନ୍ତି ।

**ଅମିତ ଜ୍ଞାନ ଗୁଣ ଶକ୍ତି ହୈ, ବଲ ଐଶ୍ୱର୍ଯ୍ୟ ଅନନ୍ତ ।**
**ଅମିତ କ୍ରିୟା ସଂଯୁକ୍ତ ହୈ, ମହିମା ତେଜ ଅନନ୍ତ ॥୧୨॥**

ଭାଷ୍ୟ - ଅନନ୍ତ ମହାପ୍ରଭୁ ଅନନ୍ତ ଜ୍ଞାନ, ଗୁଣ, ଶକ୍ତି, ପରାକ୍ରମ, ଐଶ୍ୱର୍ଯ୍ୟ ଆଉ ଅନନ୍ତ କର୍ତ୍ତୃତ୍ୱ ଶକ୍ତିରେ ସଂଯୁକ୍ତ ମହାନ୍ ତେଜସ୍ୱୀ ଅଟନ୍ତି । ସେହି ଅନନ୍ତ ମହାପ୍ରଭୁଙ୍କର ମହିମା ଅପରମ୍ପାର ଅଟେ ।

**ସୁଖଦୁଖ ଇଚ୍ଛା ଦ୍ୱେଷ ହୈ, ଅରୁ ପ୍ରୟତ୍ନ ଗୁଣ ଜ୍ଞାନ ।**
**ୟହ ଆତମ କା ଲିଙ୍ଗ ହୈ, ଜଡ଼ ଚେତନ ମିଲ ମାନ ॥୧୩॥**

ଭାଷ୍ୟ - ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଏବଂ ଜ୍ଞାନ - ଏ ସମସ୍ତ ପ୍ରକୃତିଯୁକ୍ତ ଆତ୍ମାର ଲକ୍ଷଣ ଅଟେ ଅର୍ଥାତ୍ ଜୀବାତ୍ମା ଏହି ଛଅ ଗୁଣ ବିଶିଷ୍ଟ ଅଟେ ।

**ସୁଖ ଦୁଖ ଦ୍ୱେଷ ପ୍ରକୃତି ସେ, ଶୁଦ୍ଧ ଆତ୍ମ ଗୁଣ ନାହିଁ ।**
**ଇଚ୍ଛା ଜ୍ଞାନ ପ୍ରୟତ୍ନ ହୈ, ଚେତନ ଧର୍ମ ସମାହିଁ ॥୧୪॥**


ଭାଷ୍ୟ - ସୁଖ, ଦୁଃଖ ଏବଂ ଦ୍ୱେଷ - ଏ ସମସ୍ତ ପ୍ରକୃତିର ସଂଘାତୀ ଗୁଣ ଅଟନ୍ତି । ଏଗୁଡ଼ିକ ଶୁଦ୍ଧ ଆତ୍ମାର ଗୁଣ ନୁହନ୍ତି । ଜ୍ଞାନ, ଇଚ୍ଛା ଏବଂ ପ୍ରଯତ୍ନ - ଏ ସମସ୍ତ ଆତ୍ମାର ଚେତନ ଗୁଣ ଅଟନ୍ତି । ଏହି ଚେତନ ଗୁଣଗୁଡ଼ିକ ଆତ୍ମାରେ ସର୍ବଦା ବିଦ୍ୟାମାନ ରହିଥାନ୍ତି ।

**ପରମିତ ଶକ୍ତୀ ଜୀଓ୍ୱ ମେଁ, ଅଲ୍ପଜ୍ଞ ଜିଓ୍ୱ ହୈ ଜାନ ।**
**ଏକ ଦେଶ ଅଣୁ ଜୀଓ୍ୱ ହୈ, ସତ ଚିତ ରୁପ ସମାନ ॥୧୫॥**

ଭାଷ୍ୟ - ସତ୍-ଚିତ୍ ସ୍ୱରୂପ, ସୀମିତ, ଶକ୍ତିମାନ, ଅଲ୍ପଜ୍ଞ ଜୀବ ଏକଦେଶୀ ଅଣୁ ପଦାର୍ଥ ଅଟନ୍ତି ।

**ଦର୍ଶ ପର୍ଶ ଏକ ଅର୍ଥ କେ, ଗ୍ରହିତା ଚେତନ ହୋୟ ।**
**ପ୍ରତିଭିଜ୍ଞା କେ ହୋନ ମେଁ, ଆତ୍ମ ଭିନ୍ନ ତନ ସୋୟ ॥୧୬॥**

ଭାଷ୍ୟ - ଦର୍ଶନ ଏବଂ ସ୍ପର୍ଶର ଏକ ଅର୍ଥରେ ଗ୍ରହଣକାରୀ ହେବା ଏବଂ ଜଡ଼ ଶରୀରରେ ଚେତନା ପ୍ରଦାନକାରୀ ତଥା ପୂର୍ବ ଜନ୍ମର ସଂସ୍କାର ଉଦୟ ହେଉଥିବାରୁ ଆତ୍ମା ଶରୀର ସଂଘାତରୁ ଭିନ୍ନ ଅଟେ ।




**ଓ୍ୱିଓ୍ୱିଧ ସୃଷ୍ଟି ବହୁ କର୍ମ ଗୁଣ, ଭୋଗ ଓ୍ୱିଭାଗ ସ୍ୱଭାଓ୍ୱ ।**
**ଜନ୍ମତ ହୀ ୟହ ପ୍ରକଟ ହୈ, ପୂର୍ୱ୍ୱ ଜନ୍ମ କର ଭାଓ୍ୱ ॥୧୭॥**

ଭାଷ୍ୟ - ବିବିଧ ସୃଷ୍ଟି ଏବଂ ବିଚିତ୍ର କର୍ମ, ଗୁଣ, ସ୍ୱଭାବ ତଥା ଭୋଗ - ଏଭଳି ଅନେକ ପ୍ରକାରର ଉପାଦାନ ଜନ୍ମରୁ ହିଁ ପ୍ରକଟ ହୋଇଥାନ୍ତି । ଏସବୁର କାରଣ ପୂର୍ବ ଜନ୍ମର କର୍ମଫଳ ଅଟେ । ସେହି ପୂର୍ବ ଅର୍ଜିତ କର୍ମ ଅନୁସାରେ ହିଁ ଭୋଗ, ଜନ୍ମ ତଥା ଆୟୁ ପ୍ରାପ୍ତ ହୋଇଥାଏ ଏବଂ ଜନ୍ମ ହେବା ମାତ୍ରେ ପୂର୍ବ ସଂସ୍କାର ଅନୁଯାୟୀ ଜୀବମାନଙ୍କର ପ୍ରବୃତ୍ତି ଭୋଗ ଆଡ଼କୁ ଆକର୍ଷିତ ହୋଇଥାଏ । ସେଥିପାଇଁ ପୂର୍ବଜନ୍ମ ସିଦ୍ଧ ଅଟେ । କୌଣସି କାରଣ ନ ଥାଇ କାର୍ଯ୍ୟ ହୋଇ ନ ଥାଏ । ଅତଏବ ବର୍ତ୍ତମାନ ଭୋଗର କାରଣ ପୂର୍ବ ଜନ୍ମ ଅଟେ ।

**କରତା ହୀ ସେ କର୍ମ ହୈ, ଆଓ୍ୱାଗମନ ଓ୍ୱିଚାର ।**
**ନିତ୍ୟ ସିଦ୍ଧ ହୈ ଆତମା, ତର୍କ ୟେ ୟୁକ୍ତି ଅଧାର ॥୧୮॥**

ଭାଷ୍ୟ - କର୍ତ୍ତାରୁ ହିଁ କର୍ମ ହୋଇଥାଏ । ସେଥିପାଇଁ ଆତ୍ମାର ଆତଯାତ ଏହି ତର୍କ ଯୁକ୍ତିରୁ ସିଦ୍ଧ ଅଟେ ।

**ବାଲ ଭୋଜ୍ୟ ଇଚ୍ଛୁକ ଭୟା, ପୂର୍ୱ୍ୱ ଜନ୍ମ କର ଭାଓ୍ୱ ।**
**ନିତ୍ୟ ସିଦ୍ଧ ହୈ ଆତମା, ପ୍ରତିଭିଜ୍ଞା ପରଭାଓ୍ୱ ॥୧୯॥**

ଭାଷ୍ୟ - ନବଜାତ ଶିଶୁଠାରେ ଦୁଗ୍ଧ ପାନ କରିବାର ଇଚ୍ଛା ହେବା ପୂର୍ବ ଜନ୍ମର ଭାବକୁ ସିଦ୍ଧ କରିଥାଏ ଏବଂ ପୂର୍ବକୃତ କର୍ମ ସଂସ୍କାର ପୁଣି ଉଦୟ ହେବା ପୂର୍ବ ଜନ୍ମର ସଂସ୍କାର ଅଟେ । ଏହା ନିତ୍ୟ ଆତ୍ମା ସିଦ୍ଧ ଅଟେ ।

**ଏକ ରୂପ ବହୁ ଆତମା, ବ୍ୟାପ୍ତ ନହୀଁ ଅଓ୍ୱକାଶ ।**
**ଏଓ୍ୱ ଅଣୁ ଆତମ ଜାନିୟେ, ଓ୍ୱିଭୂ ନହୀଁ ତତ୍ ଭାସ ॥୨୦॥**

ଭାଷ୍ୟ - ଏକ ରୂପର ଅନନ୍ତ ଆତ୍ମାଗୁଡ଼ିକ ଗୋଟିଏ ମଣ୍ଡଳରେ ବ୍ୟାପ୍ତ ହୋଇ ପାରନ୍ତି ନାହିଁ । ଏକଦେଶୀ ଆତ୍ମା ବ୍ୟାପକ ହେବା ସିଦ୍ଧ ନୁହେଁ । ଅତଏବ ଅଣୁମାତ୍ର ସୀମିତ ଶକ୍ତିଧାରୀ ଜୀବାତ୍ମା ଏକଦେଶୀ ବସ୍ତୁ ଅଟେ, ବ୍ୟାପକ ନୁହେଁ ।

**ଗମନାଗମନ ନ ଓ୍ୱିଭୁ ବନେ, ରେତ ଗର୍ଭ ପରଓ୍ୱେଶ ।**
**ସିଦ୍ଧ ଅଣୂ ହୈ ଆତମା, ଘଟ ପଟ ଓ୍ୱିଭୁ ଅଓ୍ୱିଓ୍ୱେଶ ॥୨୧॥**

ଭାଷ୍ୟ - ସର୍ବ ବ୍ୟାପକ ଆତ୍ମାର ଜନ୍ମ ମରଣ ହୋଇ ନ ଥାଏ କିମ୍ବା ବିର୍ଯ୍ୟ ଦ୍ୱାରା ଗର୍ଭରେ ପ୍ରବେଶ ହୋଇଥାଏ । ଅତଏବ ଗମନାଗମନ ହେଉଥିବାରୁ ଏକଦେଶୀ କ୍ଷୁଦ୍ର ଆତ୍ମା ସିଦ୍ଧ ଅଟେ ।

**ଦୀପକ ଏକ ସ୍ଥାନ ସେ, ସାରା ଭଓ୍ୱନ ପ୍ରକାଶ ।**
**ହୃଦୟ ଆତ୍ମ କେ ତେଜ ସେ, ଦେହ ସଂଘାତ ପ୍ରକାଶ ॥୨୨॥**

ଭାଷ୍ୟ - ଯେଉଁ ପ୍ରକାର ପ୍ରଦୀପ ଏକ ସ୍ଥାନରେ ରହି ସୁଦ୍ଧା ସମସ୍ତ ଗୃହକୁ ଆଲୋକିତ କରେ, ଠିକ୍ ସେହିପରି ହୃଦୟ ସ୍ଥିତ ଆତ୍ମାର ପ୍ରକାଶରେ ସମସ୍ତ ଦେହ ସଂଘାତ ପ୍ରକାଶିତ ହୋଇଥାଏ ।

**ଆତମଦରଶୀ ପୁରୁଷ ମେଁ, ଦେଖେଁ ମରମ ସ୍ଥାନ ।**
**ଓ୍ୱାଚକ ଓ୍ୱାଲ ଓ୍ୱିଓ୍ୱେକ କା, ଅବ କହୁ କଓ୍ୱନ ପ୍ରମାନ ॥୨୩॥**

ଭାଷ୍ୟ - ଜୀବନ୍ମୁକ୍ତ ସତ୍ ପୁରୁଷ ନିଜ ସ୍ୱରୂପକୁ ଏକ ସ୍ଥାନରେ ଦେଖିଥାନ୍ତି । ଏଥିରେ ବକ୍ତାମାନଙ୍କର ବାଳସୁଲଭ ବଚନର କେଉଁ ପ୍ରମାଣ ଅଛି ? ଅର୍ଥାତ୍ ଆତ୍ମା ହୃଦୟରେ ଗୋଟିଏ ସ୍ଥାନରେ ସ୍ଥିତ ହୋଇ ସମସ୍ତ ଦେହ ସଂଘାତର କ୍ରିୟାଗୁଡ଼ିକୁ ସମ୍ପାଦିତ କରିଥାଏ ।

**ଚେତନତ୍ୱ ସମ ଲଖି ପଡ଼େ, ଚେତନ ଜାତୀୟ ଏକ ।**
**ବ୍ୟକ୍ତି ଅନେକ ପ୍ରକାର ହେଁ, ତୃଜଗ ୟୋନି ଜଗ ଟେକ ॥୨୪॥**

ଭାଷ୍ୟ - ଚେତନତ୍ୱ ସମସ୍ତ ପ୍ରାଣୀମାନଙ୍କ ଠାରେ ଏକ ସମାନ ଦେଖିବାକୁ ମିଳେ । ସେଥିପାଇଁ ଆତ୍ମାର ଚେତନ ଜାତି ଏକ ଅଟେ ଏବଂ ବ୍ୟକ୍ତିମାନଙ୍କର କର୍ମ, ଗୁଣ, ସ୍ୱଭାବ ଓ ତୀର୍ଯ୍ୟକ୍ ଯୋନିମାନଙ୍କର ପ୍ରସାରରୁ ଆତ୍ମା ବହୁତ ପ୍ରକାରର ଅଟନ୍ତି ।

**ଅକ୍ଷର ଜିଓ୍ୱ ପରମାଣୁ ସେ, ପରମକ୍ଷର ପର ଝୀନ ।**
**ବ୍ୟାପ୍ତ ସକଲ ମେଁ ହୋ ରହା, ଅନ୍ତର ଦର୍ଶନ ଲୀନ ॥୨୫॥**

ଭାଷ୍ୟ - ଅକ୍ଷର, ଜୀବ ଏବଂ ପରମାଣୁରୁ ପରମ ଅକ୍ଷର, ସାରଶବ୍ଦ ସୂକ୍ଷ୍ମ ଅଟନ୍ତି ଏବଂ ସେହି ଅନ୍ତର ସୂକ୍ଷ୍ମ ବ୍ୟାପକ ପରଂବ୍ରହ୍ମ ସର୍ବତ୍ର ବ୍ୟାପ୍ତ ହୋଇଛନ୍ତି ।

**ଅମିତ ବ୍ୟକ୍ତି ବହୁ କର୍ମ ଗୁଣ, ଭୋଗ ଅନେକ ସ୍ୱଭାଓ୍ୱ ।**
**ରଙ୍ଗ ଓ୍ୱିଚିତ୍ର ଅପାର ହୈ, ବହୁତ ଜୀଓ୍ୱ ଜଗଭାଓ୍ୱ ॥୨୬॥**

ଭାଷ୍ୟ - ସୃଷ୍ଟିରେ ଅନେକ ପ୍ରକାରର ବ୍ୟକ୍ତି ଏବଂ ସେମାନଙ୍କର ଭିନ୍ନ ଭିନ୍ନ କର୍ମ, ଗୁଣ, ସ୍ୱଭାବ, ଭୋଗ ହେବା ଯୋଗୁଁ ଆତ୍ମା ମଧ୍ୟ ତାଦୃଶ ଅର୍ଥାତ୍ ଅନ୍ତହୀନ ଅଟେ ।

**ଆତ୍ମ ହୃଦୟ ମେଁ ଓ୍ୱାସ ହୈ, ହର୍ଷ ଶୋକ ଭୟ କମ୍ପ ।**
**ବଲ ଅନୁଭଓ୍ୱ ଉର ସେ ବନେ, ଗଗନ ଡୋର ଉର କମ୍ପ ॥୨୭॥**

ଭାଷ୍ୟ - ଆତ୍ମାର ବାସ ହୃଦୟରେ । ହର୍ଷ, ଶୋକ, ଭୟ, କମ୍ପ ଏବଂ ବଳର ଅନୁଭବ ଆଉ ମକର ତାରର କମ୍ପନ ସେହି ସ୍ଥାନରୁ ହୋଇଥାଏ ।

**ବାଲ ଅଗ୍ର ଦସ ସହସ କେ, ଭାଗ କରେ ଅନୁମାନ ।**
**ରାଈ ଦସଓ୍ୱାଁ ଭାଗ ମେଁ, ଆତମ ରୂପ ପିଛାନ ॥୨୮॥**

ଭାଷ୍ୟ - କେଶାଗ୍ରର ଦଶ ହଜାର ଭାଗ ସମାନ ଆତ୍ମାର ସ୍ୱରୂପକୁ ଋଷିମାନେ ଅନୁମାନ କରିଛନ୍ତି ଏବଂ ସୋରିଷର ଦଶ ଭାଗ ପରିମିତି ଆତ୍ମାର ସ୍ୱରୂପ ବୋଲି ଅଭିହିତ କରିଛନ୍ତି ।

**ଅଜ୍ଞ ଅଓ୍ୱର ଅଲପଜ୍ଞ କା, କୋଇ ବହୁଜ୍ଞ ସର୍ୱ୍ୱଜ୍ଞ ।**
**ପୂରଣ କଲା ସମାଧି ମେଁ, ପୂରଣ ଜ୍ଞାନପ ୟଜ୍ଞ ॥୨୯॥**

ଭାଷ୍ୟ - ଅଜ୍ଞ, ଅଲ୍ପଜ୍ଞ, ବହୁଜ୍ଞ ଏବଂ ସର୍ବଜ୍ଞ - ଏଭଳି ଚାରି ପ୍ରକାରର ଜ୍ଞାନୀ ହୋଇଥାନ୍ତି । ଆଧ୍ୟାତ୍ମ ଯୋଗ ସାଧନା ଦ୍ୱାରା ବିହଙ୍ଗମ ଯୋଗ ସମାଧିରେ ପୂର୍ଣ୍ଣ ଜ୍ଞାନ ପ୍ରାପତ ହୋଇଥାଏ ।

**ସୁଷୋପ୍ତି ଆତମା ରହତ ହୈ, ପରମାତମ ଆଧାର ।**
**ବାହର ଜଗତ ଅଭାଓ୍ୱ ହୈ, ଉଦୟ ମନା ସଂସାର ॥୩୦॥**

ଭାଷ୍ୟ - ଆତ୍ମା ସୁଷୁପ୍ତି ଅବସ୍ଥାରେ ପରମାତ୍ମା ଆଧାରରେ ରହିଥାଏ ଯଦ୍ୱାରା ବାହ୍ୟ ଜଗତର ଅଭାବ ହୋଇଯାଏ । ପୁନଶ୍ଚ ମନ ଜାଗ୍ରତ ହେବା ଫଳରେ ସଂସାର ଆଗରେ ଛିଡ଼ା ହୋଇଯାଏ ।

## ଅତ୍ୟଧିକ ମିଠା ଖାଇବା ମସ୍ତିଷ୍କକୁ ପ୍ରଭାବିତ କରେ

ସାଧାରଣତଃ ମିଠାଜାତୀୟ ଖାଦ୍ୟ ଦେଖିଲେ ଅନେକଙ୍କ ପାଟିରୁ ଲାଳ ଗଡିଥାଏ । ତେଣୁ ଏହି ଖାଦ୍ୟର ଚାହିଦା ଅଧିକ । ହେଲେ ଆପଣ ଅତ୍ୟଧିକ ମିଠା ଖାଉଛନ୍ତି କି ? ଯଦି ହଁ, ତେବେ ବେଳ ଥାଉ ସାବଧାନ ହୋଇଯାଆନ୍ତୁ । ନ ହେଲେ ଏଥିପାଇଁ ଆପଣଙ୍କୁ ଗମ୍ଭୀର ସମସ୍ୟାର ସାମ୍ନା କରିବାକୁ ପଡିପାରେ । କାରଣ ଅଧିକ ମିଠା ଖାଇବାକୁ ନେଇ ହୋଇଥିବା



ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଏହାଦ୍ୱାରା ଆପଣଙ୍କ ମସ୍ତିଷ୍କ ପ୍ରଭାବିତ ହେବା ଯଥେଷ୍ଟ ଆଶଙ୍କା ରହିଛି । କେତେକଙ୍କର ମିଠା ଖାଇବା ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥାଏ । ତେଣୁ ଏଭଳି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ଓହିଓ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ । ଗବେଷଣା ସମୟରେ ଏହାର ଅନ୍ତର୍ଭୁକ୍ତ ଲୋକମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କ ଠାରେ ମସ୍ତିଷ୍କଜନିତ ସମସ୍ୟା ଦେଖିବାକୁ ମିଳିଥିଲା । ଏହାର କାରଣ ଅତ୍ୟଧିକ ମିଠା ଖାଇବା ବୋଲି ସେମାନେ ଦର୍ଶାଇଛନ୍ତି ।

## ପିଲାମାନଙ୍କୁ ... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ମହାରାଣା ପ୍ରତାପଙ୍କ ଆଖିରେ ଅଶ୍ରୁ ଆସିଗଲା ଓ ସେ ପୁନଃ ପୂରା ଶକ୍ତିର ସହିତ ଉଠି ଠିଆ ହୋଇଗଲେ । ନିଜ ପିଲାଙ୍କୁ ଏଭଳି ସଂସ୍କାର ମହାରାଣା ପ୍ରତାପ ଓ ତାଙ୍କର ପତ୍ନୀ ଦେଇଥିଲେ, ଯିଏକି ରୁଟି କଥାକୁ ଗୁରୁତ୍ୱ ନ ଦେଇ ସେହି ଲକ୍ଷ୍ୟକୁ ମନେ ପକାଇଥିଲେ ।

ଆମେ ପିଲାଙ୍କ ମଧରେ ସଂସ୍କାର ଉତ୍ପନ୍ନ କରିବା ଜରୁରୀ । ସେମାନଙ୍କୁ ସଦ୍‌ଗୁଣୀ କରାଇବା ଦରକାର । ପରିବାରରେ କିପରି ମିଳିମିଶି ରହିବା ଉଚିତ ? ଏହା ସେମାନଙ୍କୁ ଶିଖାଇବା ଦରକାର । ପରସ୍ପର ମଧରେ କଥା କଟାକଟି ହେଲେ ବି ପିଲାଙ୍କ ସାମନାରେ ତାହାର ପ୍ରଦର୍ଶନ କରନ୍ତୁ ନାହିଁ । ନିଜ ଘରର ବାତାବରଣକୁ ସକାରାତ୍ମକ କରନ୍ତୁ । ନିଜ ଠାରୁ ବଡ଼ମାନଙ୍କୁ ଆପଣ ଶ୍ରଦ୍ଧାରେ ଦେଖନ୍ତୁ, ସେମାନଙ୍କର ସମ୍ମାନ କରନ୍ତୁ, ଯଦ୍ୱାରା ପିଲାମାନେ ବି ଆପଣଙ୍କର ସମ୍ମାନ କରିବେ । ସମାଜର ସମ୍ମାନ କରିବେ । ସମାଜର, ରାଷ୍ଟ୍ରର କିଛି କାମରେ ଆସିବେ ।

ନିଜ ପିଲାମାନଙ୍କୁ ସଂସ୍କାର ଦିଅନ୍ତୁ । ଧନର ଆବଶ୍ୟକତା ନାହିଁ । ଆଜିର ସମୟରେ, ଭୌତିକ ଯୁଗରେ ଧନର ଯେଉଁ ଦୌଡ଼ ଚାଲିଛି, ସେଥିରେ ପିଲାଙ୍କୁ ସମ୍ପତ୍ତି ଦିଆଯିବା କଥା ଉଠୁଛି, କିନ୍ତୁ ପ୍ରକୃତରେ ପିଲାଙ୍କୁ କୁସଂସ୍କାର ଯେପରିକି ସିନେମା, ଶୃଙ୍ଗାର, ପ୍ରଦର୍ଶନ, କୃତ୍ରିମତା, ବଦଖର୍ଚ୍ଚ ଆଦିରୁ ମୋଡ଼ି ସେମାନଙ୍କୁ ମିତବ୍ୟୟିତା ଶିଖାନ୍ତୁ, ସେମାନଙ୍କୁ ଶ୍ରମଶୀଳ ଓ ସଂସ୍କାରୀ କରନ୍ତୁ । ପୂର୍ବରୁ ଗୁରୁକୁଳ ପଦ୍ଧତି ଥିଲା ଓ ପିଲାଙ୍କୁ ଗୁରୁକୁଳରେ ପଢ଼ିବା ପାଇଁ ପଠା ଯାଉଥିଲା । ଏହାର ଉଦ୍ଦେଶ୍ୟ କ'ଣ ଥିଲା ? ସେହି ପିଲାଙ୍କୁ ସଂସ୍କାରୀ କରାଇବା ପାଇଁ ଲୋକେ ଋଷିମାନଙ୍କ ଆଶ୍ରମକୁ ପଠାଉଥିଲେ । ରାମ-ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ଆଶ୍ରମକୁ ପଠାଯାଇଥିଲା, ଯଦ୍ୱାରା ଆଗକୁ ସେମାନେ ସାରା ରାଷ୍ଟ୍ରକୁ ସମ୍ଭାଳି ପାରିବେ ଏବଂ ସେମାନେ ସମ୍ଭାଳିଲେ ମଧ ପିଲାମାନଙ୍କ ସଂସ୍କାର ସବୁଠାରୁ ଅଧିକ ଜରୁରୀ ! ସେମାନଙ୍କ ପାଇଁ, ଆଗର ପିଢ଼ିଗୁଡ଼ିକ ପାଇଁ ଚିନ୍ତା କରି ସମ୍ପତ୍ତି ଜମା କରିବା ଏବଂ ସେମାନଙ୍କ ସକାଶେ କେଜାଣି କ'ଣ କ'ଣ ସବୁ ଆଶା ସଜାଇ ରଖିବା ଜରୁରୀ ନୁହେଁ । ଜରୁରୀ ହେଉଛି ସେମାନଙ୍କ ସଂସ୍କାର ।

## ଟିକିଏ ହସନ୍ତୁ

ପପୁ ଚଷମା ଦୋକାନକୁ ଯାଇ : ମତେ ଗୋଟେ ବେଶି ପାଓ୍ୱାର ଥିବା ଚଷମା ଦେଲେ ।
ଦୋକାନୀ: ସେମିତି କ'ଣ ଚଷମା ଦିଆଯାଏ ? ଚଷମାର ପାଓ୍ୱାର କେତେ କୁହ ?
ପପୁ: ମତେ ଲାଗୁଛି ତାଙ୍କ ଆଖିର ପାଓ୍ୱାର ବହୁତ କମ୍ । ସେଥିପାଇଁ ବେଶି ପାଓ୍ୱାରର ଚଷମା ଦିଅ ।
ଦୋକାନୀ: ହେଲେ କାହା ପାଇଁ ନେବ ।
ପପୁ: ଆମ ସାର୍‌ଙ୍କ ପାଇଁ ।
ଦୋକାନୀ: କାହିଁକି ?
ପପୁ: କାହିଁକି ନା ସାର୍‌ଙ୍କୁ ମୁଁ ସବୁବେଳେ ଗଧ ପରି ଦେଖାଯାଏ ।

× × ×

ସ୍ୱାମୀ ସ୍ତ୍ରୀଙ୍କୁ: ପାଣି ଟିକେ ଦେଲ ।
ସ୍ତ୍ରୀ: ଶୋଷ ଲାଗୁଛି ନା କ'ଣ ?
ସ୍ୱାମୀ: ନା, ଚେକ୍ କରିବି ବେକରେ କୋଉଠି ଲିକ୍ ହେଉଛି କି ନାହିଁ ।

× × × ×



ମନୋଜ ପାଖକୁ ଦିନେ ଏକ ଅଜଣା ନମ୍ବରରୁ ଜଣେ ଯୁବତୀ କଲ୍ କରିଥାନ୍ତି: ହ୍ୟାଲୋ, ଆପଣ କ'ଣ ବିବାହିତ ? ମନୋଜ କିଛି ସମୟ ଭାବିବା ପରେ : ହଁ, ହେଲେ ଆପଣ କିଏ ?
ଯୁବତୀ: ଧୋକେବାଜ୍ ମୁଁ ତୁମ ଗର୍ଲଫ୍ରେଣ୍ଡ କହୁଛି ।
ମନୋଜ : ସରି, ମୁଁ ଭାବିଲି କିଏ ଜଣେ ମତେ ଚେକ୍ କରିବା ପାଇଁ ମଜା କରୁଛି । ମୁଁ ବିବାହିତ ନୁହେଁ, ପୁରାପୁରି ଅନମ୍ୟାରେଡ୍ ।
ଯୁବତୀ: ଆଚ୍ଛା । ଅନ୍‌ମ୍ୟାରେଡ୍ । ମୁଁ ତୁମ ସ୍ତ୍ରୀ କହୁଛି ।

× × × ×

କଞ୍ଜୁସ୍ ବାପାକୁ ପୁଅ: ବାପା ମୋ ଦୂରଦୃଷ୍ଟି ଖରାପ ହେଇଗଲାଣି । କିଛି ଟଙ୍କା ଦେଲ ଆଖି ଚେକ୍ କରେଇ ଚଷମା ତିଆରି କରେଇବି ।
ବାପା ପୁଅକୁ ଛାତ ଉପରକୁ ନେଇ : କହିଲୁ ଦେଖି ଆକାଶରେ ତତେ କ'ଣ ଦେଖାଯାଉଛି ?
ପୁଅ : ସୁନ୍ଦର ଗୋଲ ଜହ୍ନ ଓ ଟିକି ଟିକି ତାରା ।
ବାପା: ଏତେ ଦୂର ପର୍ଯ୍ୟନ୍ତ ତ ଦେଖାଯାଉଛି । ଆଉ କେତେ ଦୂର ଦେଖିବୁ ?

× × × × × ×

ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ଛାଡ଼ପତ୍ର ଦେବେ ବୋଲି କୋର୍ଟକୁ ଯାଇ ଜର୍ଜଙ୍କୁ କହିଲେ, ଜର୍ଜ- ସାହେବ, ମୁଁ ଏହି ମହିଳାଙ୍କ ସହିତ ଆଉ ରହିପାରିବି ନାହିଁ, ସାରା ରାତି ବାହାରେ ବୁଲୁଛି ।
ଜଜ୍ କହିଲେ- ସେ ବାହାରେ କ'ଣ କରୁଛନ୍ତି ?
ପତି : ମତେ ଖୋଜୁଛି ଜଜ୍ ଆଉ କ'ଣ କରିବି ?

# ବଥୁଆ ଶାଗର ଉପକାରିତା

ବଥୁଆ ଶାଗ ଖରିଫ ଫସଲ ଅମଳ ସମୟରେ ହୋଇଥାଏ । ଏହା ଔଷଧୀୟ ଗୁଣରେ ଭରପୁର । ହୃଦରୋଗ ଓ କିଡନୀ ସମସ୍ୟା ଦୂର କରିବା ସହ ହାଇଟ୍ ବଢ଼ାଇବାରେ ସାହାଯ୍ୟ କରେ ।

ଶୀତ ଦିନେ ବଥୁଆ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ । ବଥୁଆରେ ପ୍ରଚୁର ଆଇରନ ରହିଛି । ଏହା ପାଚନ ଶକ୍ତି ବୃଦ୍ଧି କରେ, ବହୁ ରୋଗରୁ ବି ମୁକ୍ତି ଦେଇଥାଏ । ବଥୁଆ ଚାଷରେ ବେଶୀ ପରିଶ୍ରମ କରିବାକୁ ପଡେନି । ଗାଁ ଗହଳିର ବାଡି ବଗିଚାରେ ମଧ ବଥୁଆ ଶାଗ କରାଯାଏ । ବଥୁଆ ଏକ ସାଧାରଣ ଶାଗ ହୋଇଥିଲେ ହେଁ ତା'ର ଔଷଧୀୟ ଗୁଣ ରହିଛି । ଶରୀରର କୌଣସି ସ୍ଥାନରେ ପୁରୁଣା ଆଘାତ ଯୋଗୁଁ କଷ୍ଟ, ତ୍ୱଚାର ରୁକ୍ଷତା, ବଦହଜମୀ ଓ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି



ଦେଇଥାଏ ବଥୁଆ ।

**ପଥୁରୀ ଦୂର କରେ :** କିଡନୀରୁ ଷ୍ଟୋନ ବା ପଥୁରୀ ସମସ୍ୟା ବଥୁଆ ଶାଗ ଖାଇବା ଫଳରେ ଦୂର ହୋଇଥାଏ । ବଥୁଆ ରସରେ ଚିନି ମିଶାଇ ସେବନ କରାଯାଏ ।

**ଲିଭର :** ଭିଟାମିନ୍ସ ଓ ଆୟୁର୍ବେଦିକ ଗୁଣରେ ଭରପୁର ବଥୁଆ ଶାଗ ତରକାରି ପ୍ରତିଦିନ ଖାଇବା ଫଳରେ ଲିଭର ସୁସ୍ଥ ରହେ ।

**ହୃଦରୋଗ :** ବଥୁଆ ଶାଗର କଅଁଳିଆ ପତ୍ର ଦେଖିବାକୁ ସାମାନ୍ୟ ଲାଲ । ଏହି ଲାଲ୍ ପତ୍ର ଖାଇବା ଦ୍ୱାରା ହୃଦରୋଗ ଓ ହାର୍ଟ ଆର୍ଟାକ୍ ଭୟ ଦୂର ହୋଇ ଯାଇଥାଏ ।

**ପୋଡ଼ାଜଳା ଦୂର କରେ :** ଯଦି ଆପଣଙ୍କର ଅକସ୍ମାତ୍ କୌଣସି ସ୍ଥାନରେ ପୋଡିଯାଏ କିମ୍ବା ଗରମ ଜିନିଷ ଲାଗିଯାଏ ତେବେ ବଥୁଆ ପତ୍ର ତୁରନ୍ତ ବାଟି ପୋଡା ସ୍ଥାନରେ ଲେପ ଦିଅନ୍ତୁ । ଏହା ଫଳରେ ପୋଡା ଜନିତ ଯନ୍ତ୍ରଣା ଦୂର ହୋଇ ଆରାମ ମିଳିଥାଏ ଓ ଘା' ଶୀଘ୍ର ଠିକ୍ ହୋଇ ଯାଇଥାଏ ।

**କବଜ :** ବଥୁଆ ରସ ପ୍ରତଦିନ ପିଇବା ଫଳରେ ଏସିଡିଟି ସମସ୍ୟା ଦୂର ହୋଇଥାଏ । ଏହା ବ୍ୟତୀତ ଏହାର ରସ ସ୍ୱାସ୍ଥ୍ୟ ଲାଗି ଲାଭ ଦାୟକ ।

**ପ୍ରତିରୋଧକ ଶକ୍ତି ବୃଦ୍ଧି କରେ :** ଭିଟାମିନ୍, ମିନେରାଲ୍, କପର, ମର୍କ୍ୟୁରୀରେ ଭରପୁର ଗୁଣକାରୀ ବଥୁଆ ଶାଗରେ ଦହି ମିଶାଇ ଖାଇବା ଫଳରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ । ଏହା ସୁସ୍ଥ ରଖିବା ସହିତ ହାଇଟ୍ ବଢ଼ାଇବା ପାଇଁ ବଥୁଆ ଶାଗ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ୍ ।

# ଶରୀର ପାଇଁ ଉତ୍ତମ କାଜୁ

ଖାଦ୍ୟରେ ପଡୁଥିବା କାଜୁ ତରକାରୀକୁ କେବଳ ସୁସ୍ୱାଦୁ କରି ନ ଥାଏ ବରଂ ସ୍ୱାସ୍ଥ୍ୟ ପାଇଁ ମଧ ହିତକର ହୋଇଥାଏ । କାଜୁରେ ମ୍ୟାଗ୍ନେସିୟମର ମାତ୍ରା ଅଧିକ ଥିବାରୁ ଉଚ୍ଚ ରକ୍ତଚାପ ଏବଂ ହୃଦଘାତ ରୋକିବାରେ ଏହା ସାହାଯ୍ୟ କରେ । କାଜୁ କୋଲେଷ୍ଟୋରାଲକୁ କଣ୍ଟ୍ରୋଲରେ ରଖେ । ଏଥିରେ ପ୍ରୋଟିନର ମାତ୍ରା ଅଧିକ ଥିବାରୁ ହାଡକୁ ମଜବୁତ କରିବାରେ ସାହାଯ୍ୟ କରେ ।



କାଜୁର ତେଲକୁ ଭାତ୍ତି ଏବଂ ଯାଦୁର ଉପଚାର ପାଇଁ ବ୍ୟବହାର କରାଯାଏ । ପ୍ରତିଦିନ ୭ ରୁ ୧୦ କାଜୁ ଖାଇଲେ ଦେହ ପାଇଁ ଭଲ ହୋଇଥାଏ । କାଜୁରେ ଥିବା ଫାଇଟୋ କେମିକାଲ୍ସ କ୍ୟାନ୍ସର ଏବଂ ଅନ୍ୟ ରୋଗରୁ ମୁକ୍ତି ଦେଇଥାଏ । ମହିଳାଙ୍କୁ ପ୍ରତିଦିନ ଫ୍ରେଶ୍ ରଖିବାରେ କାଜୁ ସହାୟକ ହୋଇଥାଏ ।

# ଗର୍ଭବତୀଙ୍କ ପାଇଁ ପାଣି ଶିଙ୍ଗଡ଼ା

ଶୀତଦିନରେ ମିଳୁଥିବା ପାଣି ଶିଙ୍ଗଡ଼ା ଏକ ସ୍ୱାଦିଷ୍ଟ ଫଳ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଏଥିରେ ଭରପୁର ମାତ୍ରାରେ ଭିଟାମିନ୍ ଏ, ସି, କାର୍ବୋହାଇଡ୍ରେଟ୍, ଟେନିନ୍, ଏମିଲୋଜ୍, ପ୍ରୋଟିନ୍ ଏବଂ ନିକୋଟୋନିକ୍ ଏସିଡ୍ ଭଳି ପୋଷାକ ତତ୍ତ୍ୱ ମହଜୁଦ୍ ରହିଛି । ଗର୍ଭାବସ୍ଥା ସମୟରେ ଏହାର ସେବନ ମା' ଓ ଶିଶୁ ପାଇଁ ବେଶ୍ ଉପକାରୀ । ନିୟମିତ ଏହାକୁ ଖାଇଲେ



ଗର୍ଭପାତ ଆଶଙ୍କା ହ୍ରାସ ପାଇଥାଏ । ଏହାଛଡ଼ା କୌଣସି ସ୍ଥାନରେ ରକ୍ତସ୍ରାବ ବନ୍ଦ ହେଉ ନଥିଲେ, ପାଣି ଶିଙ୍ଗଡ଼ା ସେବନ ଦ୍ୱାରା ଏଥିରୁ ଉପଶମ ମିଳିଥାଏ । ଶୀତଦିନେ ମାଂସପେଶୀରେ ପ୍ରବଳ ଯନ୍ତ୍ରଣା ହୋଇଥାଏ । ଏକ୍ଷେତ୍ରରେ ପାଣି ଶିଙ୍ଗଡ଼ା ସେବନ ଦ୍ୱାରା ଯନ୍ତ୍ରଣା ଲାଘବ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ଶହେ ମିଲିୟନ୍ ବର୍ଷ ତଳେ ଭାରତ ଏକ ଦ୍ୱୀପ ମାତ୍ର ଥିଲା ।
- ଇନ୍ଦୁସ୍ ନଦୀ ନାମରୁ ଇଣ୍ଡିଆ ନାମ କରଣ ହୋଇଛି ।
- ଇନ୍ଦୁସ୍ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା ହେଉଛି ସାରା ବିଶ୍ୱର ସବୁଠାରୁ ପୁରାତନ ସଭ୍ୟତା ।
- ଭାରତ ହେଉଛି ପୃଥିବୀର ସବୁଠାରୁ ପୁରାତନ ପ୍ରଗତିଶୀଳ ସଭ୍ୟତା ।
- ଜାତିସଂଘର ଶାନ୍ତି ସୁରକ୍ଷା ମିଶନ ଆରମ୍ଭରୁ ଭାରତ ସବୁଠାରୁ ବଡ଼ ସଙ୍ଗଠକ ଭାବେ କାର୍ଯ୍ୟ କରି ଆସୁଛି ।
- ବୃହତ୍ତମ ତଥା ସକ୍ରିୟ ସେନା ରଖିବାରେ ଆମେରିକା, ଚୀନକୁ ଛାଡି ଦେଲେ ଭାରତ ହେଉଛି ପୃଥିବୀର ତୃତୀୟ ଦେଶ ।
- ଭାଟିକାନ୍ ସିଟି ଓ ମକ୍କା ପରିଦର୍ଶନ କରିବାକୁ ଯାଉଥିବା ପର୍ଯ୍ୟଟକଙ୍କ ଦୁଇଗୁଣ ପର୍ଯ୍ୟଟକ ବାଲାଜୀ ମନ୍ଦିର ଓ କାଶୀବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଥାନ୍ତି ।
- ବାରଣାସୀ ପୃଥିବୀର ସର୍ବ ପୁରାତନ ସହର ଭାବେ ଏବେ ବି ପ୍ରତିଷ୍ଠା ଲାଭ କରିଛି ।
- ଅନ୍ୟ ଦେଶଗୁଡିକଠାରୁ ଭାରତରେ ଅଧିକ ମସଜିଦ୍ ରହିଛି । ପ୍ରାୟ ୩ ଲକ୍ଷ ।
- ମୁସଲମାନ ବହୁଳ ରାଷ୍ଟ୍ରଭାବେ ଭାରତ ସାରା ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିଛି ।
- ତକ୍ଷଶୀଳା ହେଉଛି ପୃଥିବୀର ସର୍ବ ପ୍ରଥମ ତଥା ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ । ଏହାକୁ ଖ୍ରୀଷ୍ଟ ପୂର୍ବ ୭୦୦ ମସିହାରେ ପ୍ରତିଷ୍ଠା କରାଯାଇଥିଲା ।

# ରୋଗ ଉପଶମ ପାଇଁ ମେଥି

**ଅଗ୍ନିମାନ୍ଦ୍ୟ:** ସମ ଓଜନର ଜିରା, ଯୁଆଣି ଓ ମେଥିକୁ ଚୂର୍ଣ୍ଣ କରିବ । ପ୍ରତ୍ୟହ ୧ ଗ୍ରାମ୍ ଲେଖାଏଁ ଏହି ଚୂର୍ଣ୍ଣକୁ ଉଷୁମ ପାଣି ସହିତ ସେବନ କଲେ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, ବାୟୁଦୋଷ ଇତ୍ୟାଦି ରୋଗ ୧୦, ୧୫ ଦିନ ମଧ୍ୟରେ ଦୂର ହୁଏ ।

**ଅନ୍ତଃବାତ :** ସମ ଓଜନର ବଚଳ ଓ ମେଥିକୁ ଚୂର୍ଣ୍ଣ କରିବ । ସେହି ଚୂର୍ଣ୍ଣକୁ ଦିନକୁ ଥରେ ଲେଖାଏଁ ୨ ଚାମଚ କରି ପାଣି ସହ ଖାଇଲେ ଅନ୍ତଃବାତ ଦୂର ହୁଏ ।



**ଅନିୟମିତ ରତୁସ୍ରାବ :** ସମୟ ସମୟରେ ସ୍ତ୍ରୀଲୋକମାନଙ୍କର ରତୁସ୍ରାବ ନିୟମାନୁସାରେ ହୁଏ ନାହିଁ । ଏହାର ଚିକିତ୍ସା ପାଇଁ ଭଜା ମେଥିଗୁଣ୍ଡ ୨, ୩ ଚାମଚ ଓ ଅଳ୍ପ ଚିନି ଏକତ୍ରିତ କରି ଉଷୁମ ପାଣିରେ ପ୍ରତିଦିନ ଥରେ ଲେଖାଏଁ ଖାଇବାକୁ ପଡିବ । ବିଶେଷତଃ ରତୁସ୍ରାବ ସମୟରେ ଏହି ଚିକିତ୍ସା ଆରମ୍ଭ କରି ଏକ ମାସ ପର୍ଯ୍ୟନ୍ତ ନିୟମିତ ରୂପେ ଉକ୍ତ ଚୂର୍ଣ୍ଣ ଓ ଚିନିକୁ ଖାଇଲେ ରତୁସ୍ରାବ ଠିକ୍ ସମୟରେ ହୁଏ ।

**ଅରୁଚି ନିବାରଣ:** ଭଜା ମେଥି ଗୁଣ୍ଡ (୨, ୩, ଚାମଚ), ୨, ୩ କୋଳା ପୁରୁଣା ତେନ୍ତୁଳି । ୨/୩ ଚିମୁଟା ଲୁଣଗୁଣ୍ଡ ଏବଂ ମିଶ୍ରିଗୁଣ୍ଡ ୧ ଚାମଚ ଏକତ୍ରିତ କରି ପ୍ରତ୍ୟହ ସେବନ କଲେ ଅଳ୍ପଦିନ ଭିତରେ ଅରୁଚି ଦୂର ହୁଏ ।

**ବ୍ରଣ :** ମେଥିବଟାକୁ ଅଳ୍ପ ଉଷୁମ କରି ବ୍ରଣ ଉପରେ ଲେପ ଦେଲେ ଅଳ୍ପଦିନ ଭିତରେ ଉପଶମ ମିଳିଥାଏ । ମେଥିପତ୍ରକୁ ବାଟି ଜଡ଼ାତେଲ ସହିତ ଭାଜି ଅପକ୍ୱ ବ୍ରଣ ଶୋଥରେ ଲେପନ କଲେ ବ୍ରଣ ପାଚି ଫାଟିଯାଏ । ଅଳ୍ପ ଦିନ ଭିତରେ ବ୍ରଣ ଶୁଖିଯାଏ ଏବଂ ବ୍ରଣ ଦାଗ ମଧ ଲିଭିଯାଏ ।

# ସ୍ୱାସ୍ଥ୍ୟ ଉପକାରୀ ଲେମ୍ବୁ

ସ୍ୱାସ୍ଥ୍ୟ ପାଇଁ ଲେମ୍ବୁ କେତେ ଉପକାରୀ ତାହା ନ କହିବା ଭଲ । କାରଣ ଏହା କେତେକ କ୍ଷେତ୍ରରେ ଔଷଧର ବିକଳ୍ପ ଭାବରେ କାମ କରିଥାଏ ।

ଲେମ୍ବୁପାଣି ଶରୀରରେ ଫ୍ଲୁଇଡ୍ ଆକାରରେ କାମ କରିଥାଏ । ଏହାକୁ ପିଇବା ଦ୍ୱାରା ଜଳୀୟ ଅଂଶ ସନ୍ତୁଳିତ ରହିଥାଏ ।



ନିୟମିତ ଲେମ୍ବୁପାଣି ପିଇବା ଦ୍ୱାରା ପେଟ ଭିତରେ ଥିବା ୟୁରିକ ଏସିଡ୍ ନାମକ ବିଷାକ୍ତ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ଲିଭର ପାଇଁ ବେଶ୍ ଉପକାରୀ ।

ଲେମ୍ବୁ ମଞ୍ଜିକୁ ଖାଇଲେ ତାହା ମସ୍ତିଷ୍କ ଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ ।

ଲେମ୍ବୁପାଣି ପିଇବା ଦ୍ୱାରା ଶରୀରରେ ଅମ୍ଳଜାନର ଅଭାବ ପୂରଣ ହୁଏ । ଏପରି କି ଶ୍ୱାସକ୍ରିୟାଜନିତ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ ।

ଲେମ୍ବୁପାଣିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଛି । ମ୍ୟାଲେରିଆ, ହଇଜା, ଡିପଥେରିଆ, ଟାଇଫଏଡ଼ର ବ୍ୟାକ୍ଟେରିଆକୁ ବିନାଶ କରିବାର ଶକ୍ତି ଏହା ନିକଟରେ ରହିଛି ।

ନିୟମିତ ଲେମ୍ବୁ ପାଣି ପିଇବା ଦ୍ୱାରା ରକ୍ତ ଧମନୀ ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ ହୋଇଥାଏ ।

ଦୃଷ୍ଟିଶକ୍ତିଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ ଲେମ୍ବୁ ପାଣି ।

ଲେମ୍ବୁ ପାଣିରେ ୨୨ ପ୍ରକାର କ୍ୟାନସର ନିରୋଧୀ ଗୁଣ ରହିଛି ବୋଲି ଆମେରିକା କ୍ୟାନସର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିବାକୁ ପାଇଛନ୍ତି ।

## କହିପାରିବେ କି ?

(୧) ସୁଭାଷ ବୋଷଙ୍କର ରାଜନୈତିକ ଗୁରୁ କିଏ ଥିଲେ ?
(୨) ସୁଭାଷ ବୋଷ ପ୍ରଥମ ଥର ପାଇଁ କେଉଁ ମସିହାରେ ଜାତୀୟ କଂଗ୍ରେସର ସଭାପତି ଭାବେ ମନୋନୀତ ହୋଇଥିଲେ ?
(୩) ଫ୍ରି ଇଣ୍ଡିଆ ଆର୍ମି କିଏ ଗଠନ କରିଥିଲେ ?
(୪) ସୁଭାଷ ବୋଷଙ୍କୁ 'ନେତାଜୀ' ଆଖ୍ୟାରେ କେଉଁମାନେ ଭୂଷିତ କରିଥିଲେ ?
(୫) ଜାପାନ ସରକାରଙ୍କ ଠାରୁ ସୁଭାଷ ବୋଷ କେବେ ଆନୁଷ୍ଠାନିକ ଭାବେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଦାୟିତ୍ୱ ଗ୍ରହଣ କଲେ ?
(୬) 'ଝାନ୍ସୀ ରାଣୀ ବ୍ରିଗେଡ୍'ର ନେତୃତ୍ୱ କିଏ ନେଇଥିଲେ ?
(୭) 'ଟେଜୋ' ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କେଉଁ ଦେଶର ପ୍ରଧାନମନ୍ତ୍ରୀ ଥିଲେ ?
(୮) ଦେଶୀୟ ରାଜ୍ୟ ମିଶ୍ରଣ କ୍ଷେତ୍ରରେ କେଉଁ ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?
(୯) ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ କେଉଁ ଦିନଟିକୁ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ?
(୧୦) ଆମ ଦେଶରେ ଗଠିତ ମଧବର୍ତ୍ତୀକାଳୀନ ସରକାରର ପ୍ରଧାନମନ୍ତ୍ରୀ କିଏ ଥିଲେ ?

### JUMBLE WORDS

| | | | |
|---|---|---|---|
| 1) LEDYIE | = | 6) WSLIVE | = |
| 2) RIFMNO | = | 7) LZOGM | = |
| 3) SSOLH | = | 8) RTFEA | = |
| 4) SIYDA | = | 9) GJEGOR | = |
| 5) TKNITE | = | 10) LETNER | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଜୋକ, ୨.ରକ୍ତଚାପ, ୩.ଫୁସ୍‌ଫୁସ୍ ଶିରା, ୪.ମାଲପିଜିଆନ୍ ନଳିକା, ୫.୩, ୬.ଗ୍ଳୁକୋଜ, ୭.ଏଥିଲିନ୍, ୮.୪୦୦, ୯.ମୂତ୍ର, ୧୦. ଏଡ୍ରିନାଲ ।

***Jumble Words* ର ଉତ୍ତର :-**

(1) FANCY (2) LUNGE (3) DIVINE (4) TRIVIA (5) EXERT
(6) UNIFY (7) SPRUCE (8) OVERDO (9) MOTTO (10) HONOR

# ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଫଳାଫଳ

ସମ୍ବଲପୁର : 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତି ସମିତି ପକ୍ଷରୁ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଠାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ସ୍ମୃତି ସମିତିର ସମ୍ପାଦକ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଏହାର ଉଦ୍‌ଘାଟନ କରିଥିଲେ । ସଙ୍ଗୀତ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ବୁର୍ଲା ଡ଼ିଏଭି ପବ୍ଲିକ ସ୍କୁଲର ଅଦିତ୍ରୀ ଅଗ୍ରୱାଲ ପ୍ରଥମ, ଗୁରୁ ନାନକ ପବ୍ଲିକ ସ୍କୁଲର ବିଶ୍ୱବନ୍ଦିତା ପଣ୍ଡା ଦ୍ୱିତୀୟ ଓ ସେଭେନ ହିଲ୍ସ ରେସିଡେନ୍ସିଆଲ ପବ୍ଲିକ ସ୍କୁଲର ବିନୟ ରାୟ ତୃତୀୟ ହୋଇଥିବା ବେଳେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ବୈଷ୍ଣବୀ ଝାଙ୍କର ପ୍ରଥମ, ସେଣ୍ଟ ଜୋସେଫ କନଭେଣ୍ଟ ସ୍କୁଲର ପ୍ରେରଣା ଚୌଧୁରୀ ଦ୍ୱିତୀୟ ଓ ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ମାନସୀ ମହାନନ୍ଦ ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ପ୍ରତିଯୋଗିତାର ସବ୍ ଜୁନିୟର ବର୍ଗରେ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆୟାଂଶ ମୋହନ ମିଶ୍ର ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଦିବ୍ୟାଂଶି ଗୁରୁ ଦ୍ୱିତୀୟ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲର ଅଦିତି ବୈଷ୍ଣବୀ ବେହେରା ତୃତୀୟ ହୋଇଛନ୍ତି ।

ବକ୍ତୃତା ପ୍ରତିଯୋଗିତାର କଲେଜ ବର୍ଗରେ ମହିଳା ମହାବିଦ୍ୟାଳୟର ଛାତ୍ରୀ କ୍ଷିତିସୁଧା ମିଶ୍ର ପ୍ରଥମ ହୋଇଥିବାବେଳେ ବରିଷ୍ଠ ବର୍ଗରେ ସେଣ୍ଟ ଜୋସେଫ୍ସ କନଭେଣ୍ଟ ସ୍କୁଲର ହାର୍ଦ୍ଦିକ ଅଗ୍ରୱାଲ ପ୍ରଥମ, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ରାଉତ ଦ୍ୱିତୀୟ ଏବଂ ବିକାଶ କନସେପ୍ଟ



ସ୍କୁଲର ଅମୀନିତା ଶତପଥୀ ତୃତୀୟ, କନିଷ୍ଠ ବର୍ଗରେ ଅରବିନ୍ଦ ସ୍କୁଲର ଶ୍ରୁତିରାଣୀ ପଣ୍ଡା ପ୍ରଥମ, ଭବିଷ୍ୟତ ପୂର୍ଣ୍ଣାଙ୍ଗ କେନ୍ଦ୍ରର ଲକ୍ଷ୍ମୀପ୍ରିୟା ପ୍ରଧାନ ଦ୍ୱିତୀୟ ଏବଂ ଅରବିନ୍ଦ ସ୍କୁଲର ରକ୍ଷିତା ପାଣିଗ୍ରାହୀ ତୃତୀୟ ଏବଂ ସବ-ଜୁନିଅର ବର୍ଗରେ ବିଶ୍ୱାସ ବିଦ୍ୟା ମନ୍ଦିରର ସୁବ୍ରତ ପାତ୍ର ପ୍ରଥମ ଓ ଧନୁପାଲି ଶିଶୁ ବିଦ୍ୟା ମନ୍ଦିରର ଅମ୍ଳାନ ଗୁରୁ ଦ୍ୱିତୀୟ ହୋଇଥିଲେ । ସେହିପରି ଭଗବତ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଜିଏମ ହାୟର ସେକେଣ୍ଡରୀ ସ୍କୁଲର ଟ୍ୱିଙ୍କିଲ ପ୍ରଧାନ ପ୍ରଥମ, ସେଭେନ ହିଲ୍ସ ସ୍କୁଲର ଚିନ୍ମୟୀ ପ୍ରଧାନ ଦ୍ୱିତୀୟ ଓ ଲେଡି ଲୁଇସ ସ୍କୁଲର ଅଂଶିକା ପ୍ରଧାନ ତୃତୀୟ ହୋଇଥିବା ବେଳେ କନିଷ୍ଠ ବର୍ଗରେ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଲକ୍ଷ୍ମୀପ୍ରିୟା ପ୍ରଧାନ ଓ ପ୍ରାପ୍ତି ପ୍ରଜ୍ଞା ପ୍ରଧାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ, ବିଶ୍ୱାସ ବିଦ୍ୟା ମନ୍ଦିରର ରୋହନ କୁମାର ସେନାପତି ତୃତୀୟ ହୋଇଥିଲେ ଓ ସବ-ଜୁନିଅର ଗ୍ରୁପରେ ବିଶ୍ୱାସ ବିଦ୍ୟା ମନ୍ଦିରର ପ୍ରତୀକ ଭୋଇ ପ୍ରଥମ, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆୟୋନାଶ ମୋହନ ଏବଂ ବିଶ୍ୱାସ ବିଦ୍ୟା ମନ୍ଦିରର ସୋମଜିତ ବେହେରା ତୃତୀୟ ହୋଇଥିଲେ । କୁଇଜ୍ ପ୍ରତିଯୋଗିତାର କଲେଜ ବିଭାଗରେ ଶୁଭମ ମିଶ୍ର, ଚିନ୍ମୟୀ ମହାରଣା, ଅର୍ପିତା ମିଶ୍ର ଓ ମାନସ ରଂଜନ ମିଶ୍ରଙ୍କୁ ନେଇ ଗଠିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦଳ ପ୍ରଥମ ଓ ଶିବାନନ୍ଦ ପୋଢ଼ ଓ ଶୁଭ୍ରାଂଶୁ ଡାଙ୍ଗଙ୍କୁ ନେଇ ଗଠିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଦଳ ଦ୍ୱିତୀୟ ହୋଇଥିଲେ ଏବଂ ସ୍କୁଲ ବିଭାଗର ବରିଷ୍ଠ ବିଭାଗରେ ଶୁଭମ ସାହୁ ଓ ତାପସ ରଂଜନ ପଣ୍ଡାଙ୍କୁ ନେଇ ଗଠିତ ବୁଢାରଜା ଉଚ୍ଚ ବିଦ୍ୟାଳୟ ଦଳ ପ୍ରଥମ, ନସରତ୍ ଫତ୍ମା, ଶ୍ରୀୟାଂଶି ସାହୁ, ବର୍ଷା ରଣା, ଶ୍ରଦ୍ଧାସ୍ମିତା ଗୁଞ୍ଜନ ଡନସନାଙ୍କୁ ନେଇ ଗଠିତ ଅରବିନ୍ଦ ସ୍କୁଲ ଦଳ ଦ୍ୱିତୀୟ ଓ ମାନସୀ ଉର୍ମା, ପାୟଲ ଭୋଇ, ରାଣୀ ସାହୁ ଓ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ନେଇ ଗଠିତ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ଦଳ ତୃତୀୟ ହୋଇଥିଲେ । ସେହିପରି କନିଷ୍ଠ ବର୍ଗରେ ଅର୍ପିତା ପ୍ରଧାନ, ଶ୍ରୁତି ସେଠ୍, ରୁବି ସାହୁ ଓ ଖୁସୀ ସିଂଙ୍କୁ ନେଇ ଲେଡି ଲୁଇସ ଉଚ୍ଚ ବାଳିକା ବିଦ୍ୟାଳୟ ଦଳ ପ୍ରଥମ, ଶୁଭମ ପାଢ଼ୀ, ଅଭିରୁପ ମଣ୍ଡଳ ଓ ସୁରଞ୍ଜିତ ମହାପାତ୍ରଙ୍କୁ ନେଇ ଗଠିତ ବିକାଶ ଦି' କନସେପ୍ଟ ସ୍କୁଲ ଦଳ ଦ୍ୱିତୀୟ ଓ ସେଣ୍ଟ ଜୋସେଫ୍ସ କନଭେଣ୍ଟ ସ୍କୁଲ ଗ୍ରୁପ୍‌ର ଆର୍ଯ୍ୟମେଶ୍ ପାଣିଗ୍ରାହୀ ତୃତୀୟ ହୋଇଥିଲେ ।

ଚିତ୍ରାଙ୍କନ ପ୍ରତିଯୋଗିତାର କେଜି ବର୍ଗରେ ସେଣ୍ଟଯୋସେଫ୍ କନଭେଣ୍ଟ କିଣ୍ଡର ଗାର୍ଟେନ୍‌ର ସୁନୟନା ନାୟକ ପ୍ରଥମ ଓ ଅନ୍ନପୂର୍ଣ୍ଣା ନାୟକ ଦ୍ୱିତୀୟ ହୋଇଥିବା ବେଳେ ଦୟାନନ୍ଦ ପବ୍ଲିକ ସ୍କୁଲର ଅଶ୍ୱିନୀ ବହିଦାର ତୃତୀୟ ହୋଇଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରର ଆଦର୍ଶ ଗୁପ୍ତା ପ୍ରଥମ, ବିକାଶ ଫାଷ୍ଟଷ୍ଟେପ୍‌ର ଶ୍ରେୟାଂଶି ସାହୁ ଦ୍ୱିତୀୟ ଓ ସେଣ୍ଟ ଯୋଶେଫ୍ କନଭେଣ୍ଟ ସେକେଣ୍ଡାରୀ ସ୍କୁଲର ଅଂଶିତା ମିଶ୍ର ତୃତୀୟ ହୋଇଛନ୍ତି । ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗରେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ମନସ୍ୱିନୀ ପ୍ରଧାନ ପ୍ରଥମ, ବିକାଶ ଫାଷ୍ଟ ଷ୍ଟେପ୍‌ର ହିମାଂଶୁ ଶେଖର ଓରାମ ଦ୍ୱିତୀୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ଅନୁପ୍ରଭା ବେହେରା ତୃତୀୟ ହୋଇଛନ୍ତି । ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ବର୍ଗରେ ବିକାଶ ଫାଷ୍ଟ ଷ୍ଟେପ୍‌ର ଅନ୍ୱିତା ସାହୁ ଓ ଅଳିଶା ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ମଦନାବତୀ ପବ୍ଲିକ ସ୍କୁଲର ଓମ୍ ପଣ୍ଡା ତୃତୀୟ ହୋଇଛନ୍ତି । ସପ୍ତମ ଓ ଅଷ୍ଟମ ଶ୍ରେଣୀ ବର୍ଗରେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ବି. ଚିତ୍ ସ୍ୱରୂପା ପ୍ରଥମ, ବିକାଶ ଫାଷ୍ଟ ଷ୍ଟେପ୍‌ର ଶେଷ ପଟ୍ଟନାୟକ ଦ୍ୱିତୀୟ ଏବଂ ଡିଏଭି ପବ୍ଲିକ ସ୍କୁଲର ମଣି କର୍ଣ୍ଣିକା ସ୍ୱାଇଁ ତୃତୀୟ ହୋଇଛନ୍ତି । ନବମ ଓ ଦଶମ ଶ୍ରେଣୀ ବର୍ଗରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଭବିଷ୍ୟତ ଓ ଗବେଷଣା କେନ୍ଦ୍ରର ଈଶାନ୍ତ ବେହେରା ପ୍ରଥମ, ଧନୁପାଲି ସରସ୍ୱତୀ ବିଦ୍ୟାମନ୍ଦିରର ରୋଜ୍ ବେଗମ୍ ଦ୍ୱିତୀୟ ଏବଂ ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଆଶା ପଟେଲ ତୃତୀୟ ହୋଇଛନ୍ତି । ଏହାଛଡ଼ା ଏହି ପ୍ରତିଯୋଗିତାର କଲେଜ ବର୍ଗରେ ରାଜେଶ ବଢ଼େଇ ପ୍ରଥମ, ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍‌ର ରାହୁଲ ପଟ୍ଟନାୟକ ଦ୍ୱିତୀୟ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମୁନ୍ନା ସାହାଣୀ ତୃତୀୟ ହୋଇଛନ୍ତି । ଅବସରପ୍ରାପ୍ତ ଆର୍ଟିଷ୍ଟ ଶ୍ରୀ ରାଧାରମଣ ମୁଦୁଲି ଚିତ୍ରାଙ୍କନ ଗୁଡିକର ମୂଲ୍ୟାୟନ କରିଥିଲେ ।

ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଡିଏଭି ପବ୍ଲିକ ସ୍କୁଲର ଆଶା ଷଡ଼ଙ୍ଗୀ ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ଜ୍ୟୋତି ଯଶୋବନ୍ତ ସାହୁ ଦ୍ୱିତୀୟ ଏବଂ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲର ଆଦିତ୍ୟ ସାହୁ ଓ ସେଭେନହିଲ୍ସ ରେସିଡେନସିଆଲ ପବ୍ଲିକ ସ୍କୁଲର ଅର୍ପିତା ପ୍ରଧାନ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି । ବରିଷ୍ଠ ବର୍ଗରେ ସେଭେନହିଲ୍ସ ରେସିଡେନସିଆଲ ପବ୍ଲିକ ସ୍କୁଲର ସୁମନ ଦେହୁରୀ ପ୍ରଥମ, ମଦନାବତୀ ପବ୍ଲିକ ସ୍କୁଲର ଅସ୍ମିତା ନାୟକ ଦ୍ୱିତୀୟ ଏବଂ ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ନିବେଦିତା ସ୍ୱାଇଁ ଓ ସରକାରୀ ହିନ୍ଦୀ ଉଚ୍ଚବିଦ୍ୟାଳୟର ରଞ୍ଜନା ସାହାଣୀ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି ।

ବିଭିନ୍ନ ପ୍ରତିଯୋଗିତାରେ ରାଜେନ୍ଦ୍ର କୁମାର ପଣ୍ଡା, ଶେଫାଳି ରାଣୀ ଦାଶ, ପଦ୍ମନାଭ ମହାକୁଡ଼, ଡକ୍ଟର ରାଜକୁମାର ଶାଣ୍ଡିଲ୍ୟ, ରାମେଶ୍ୱର ପାଢ଼ୀ, ମୁନୁରାଜ ରଣା, ମୋତିଲାଲ ଦୋରା, ସନ୍ତୋଷ କୁମାର ମିଶ୍ର, ପ୍ରଣତି ମିଶ୍ର ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀକାନ୍ତ ଷଡ଼ଙ୍ଗୀ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ଅରବିନ୍ଦ ସ୍କୁଲର ପରିଚାଳନା କମିଟି ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅରବିନ୍ଦ ସ୍କୁଲର ଉପାଧକ୍ଷ ବ୍ରଜକିଶୋର ହୋତା ଓ ବିଶ୍ୱେଶ୍ୱର ବସ୍ତିଆ, ଶିକ୍ଷୟିତ୍ରୀ ମମତା ଗଡ଼ନାୟକ, ରୋଜାଞ୍ଜଳି ସାହୁ, ରଞ୍ଜିତା ପୂଜାହାରୀ, କୁନି ଆଚାର୍ଯ୍ୟ, ମମତା ପଣ୍ଡା, ସୁଜାତା ବହିଦାର, ମଞ୍ଜୁକ୍ତା ନାଥ, ସୁପ୍ରିୟା ମଣ୍ଡଳ, ମୀନାକ୍ଷୀ ମିଶ୍ର, ମୋହିନୀ ପଶାୟତ, ଶୁଭଶ୍ରୀ ପଟ୍ଟନାୟକ, ମମତା ପଣ୍ଡା, ମଧୁ ପଟେଲ, ସଙ୍ଗୀତା ସୁସାରୀ, ଦେବଜ୍ୟୋତି ପଟ୍ଟନାୟକ, ଡ଼ି କେ ନାୟକ, ଧ୍ରୁବଚରଣ ବାରିକ, ଏଲ ଜେନା, ବି କେ ଷଡ଼ଙ୍ଗୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଜାନୁଆରୀ ୨ ତାରିଖ ଦିନ ସନ୍ଧ୍ୟା ୫ଟାରେ ହୋଟେଲ ଶିଳା ଟାୱାରର ସମ୍ମିଳନୀ କକ୍ଷରେ ହେବାକୁ ଥିବା ଶ୍ରାଦ୍ଧ ସଭାରେ ପୁରସ୍କୃତ କରାଯିବ ବୋଲି ସ୍ମୃତି ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

# ବୁର୍ଲା ସରକାରୀ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

ବୁର୍ଲା : ବୁର୍ଲା ସରକାରୀ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଆଲ୍‌ମୁନି-୨୦୨୨ର ବାର୍ଷିକ ଉତ୍ସବ ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରମୋଦ କୁମାର ଦାସ ଶ୍ଳୋକ ଆବୃତ୍ତି କରିଥିବା ବେଳେ ରଶ୍ମିରଞ୍ଜନ ଶତପଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ବିଦ୍ୟାଳୟର ପରଲୋକଗତ ପୁରାତନ ଛାତ୍ରଛାତ୍ରୀଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଙ୍ଗଠନର ସମ୍ପାଦକ ପ୍ରଦୀପ କୁମାର ମିଶ୍ର ବିବରଣୀ ପାଠ କରିବା ସହିତ ଉଚ୍ଚବିଦ୍ୟାଳୟର ଗୌରବ ଆଣିଥିବା ସର୍ବପ୍ରଥମ ମ୍ୟାଟ୍ରିକ ବ୍ୟାଚ୍‌ର ଛାତ୍ର ତଥା ପୂର୍ବତନ ସେନା ବିଭାଗର ମୁଖ୍ୟ ଜେନେରାଲ ଏସ୍ ପଦ୍ମନାଭନଙ୍କ ସମେତ ଅନ୍ୟାନ୍ୟ ବହୁ ପୁରାତନ ଛାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ପୂର୍ବତନ ସାଂସଦ ତଥା ପୂର୍ବତନ ବିଧାନସଭା ଚିଫ୍ ହୁଇପ୍ ରବିନାରାୟଣ ପାଣି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପୁରାତନ ସ୍କୁଲ ଛାତ୍ରୀ ରେଖା ମଜୁମଦାର, ପୂର୍ବତନ ଶିକ୍ଷକ ବିନ୍ଦେଶ୍ୱର ରାଉତ, ସଙ୍ଗଠନର ପୂର୍ବତନ ସଭାପତି ଇଂ. ସୁରେନ୍ଦ୍ର ସିଂ କାବଲି, ଇଂ. ପ୍ରଭନ ବେହେରା, ସମାଜସେବୀ ଧ୍ରୁବପ୍ରସାଦ ପଣ୍ଡା, ପୁରାତନ ଛାତ୍ର ଇଂ. ନିକୁ ନାୟକ, ଇଂ. କେସି ବାଲି, ଡ. ନୀଳକଣ୍ଠ ଧରୁଆ, ଠିକାଦାର ଦେବେନ୍ଦ୍ର କାପାନି, ଶିକ୍ଷୟିତ୍ରୀ କରୁଣା କାପାନି, ବିଗତ ଦଶମ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ର ନିରଞ୍ଜନ ମେହେର ଆଦି ସମସ୍ତଙ୍କୁ ଯଥାକ୍ରମେ ଲକ୍ଷ୍ମୀ ଶତପଥୀ, ରାଜକିଶୋର ଯାଜୋଡ଼ିଆ, ସୁରେଶ ଚନ୍ଦ୍ର ପଣ୍ଡା, ରଶ୍ମୀରଞ୍ଜନ ଶତପଥୀ, ମାନସ ସୌରଭ ମହାକୁଡ଼, ଶୁଭ୍ରାଂଶୁ ଶେଖର ପୂଜାରୀ, ଅଜିତ କୁମାର ମିଶ୍ର, ସିଦ୍ଧାର୍ଥ ପ;ନାୟକ, ରବୀନ୍ଦ୍ର ନାୟକ, ଦୀପ୍ତିକାନ୍ତ ଠାକୁର, ରାମଅବତାର ଅଗ୍ରୱାଲ, ସୁପ୍ରଭା ସାମଲ ପ୍ରମୁଖ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ବିଜୟ କୃଷ୍ଣ ତ୍ରିପାଠୀ, ଇଂ. ବିଜୟ ଦାସ ମଞ୍ଚାସୀନ ରହିଥିଲେ । ବସନ୍ତ କୁମାର ଦାସ, ସନ୍ତୋଷ କାନୁନଗୋ, କୈଳାଶ ଚନ୍ଦ୍ର ମିଶ୍ର, ରାଜକିଶୋର ଦେବତା, ଅନୁପ ପଣ୍ଡା, ଅମରେନ୍ଦ୍ର ପଣ୍ଡା, ସୁଶାନ୍ତ ମିଶ୍ର, ବାବୁଲୁ ମିଶ୍ର, ବିଷ୍ଣୁ ରକ୍ଷିତ, ମନୋଜ କୁମାର ନନ୍ଦ, ହରିଶ ବାଲି, ଆସ୍ତିକ ମୁଣ୍ଡ, କୃଷ୍ଣମୋହନ ପୂଜାରୀ, ସୁଷମା ମହାନ୍ତି, ବାବୁ ଆଚାର୍ଯ୍ୟ, ଶିକ୍ଷକ ଶାନ୍ତା ରନବିଡ଼ା, ଡ଼େପୁଟି କମାଣ୍ଡେଣ୍ଟ୍ ଲଛମନ ସିଂ, ଆଇନଜୀବୀ ଲକ୍ଷ୍ମୀ ମହାନ୍ତି, ଫଟୋଗ୍ରାଫର ଦିବାକର ମହାନ୍ତି, ଶବ୍ଦ ସଂଯୋଜକ ଜଗଦୀଶ ଡ଼ନସେନା, ଜୟ ଗୋପାଲ, ସାମ୍ବାଦିକ ପ୍ରଣବାନନ୍ଦ ପଣ୍ଡା, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୌମେନ୍ଦ୍ର ଶୁକ୍ଳ, ଯଦୁନନ୍ଦନ ବଡ଼ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ନାଗାର୍ଜୁନ ପଟ୍ଟନାୟକ, ଗଣେଶରାମ ପାଲ, ଗୋପୀନାଥ ବଡ଼ପଣ୍ଡା, ପର୍ଶୁରାମ ମିଶ୍ର, ସୀତାରାମ ମିଶ୍ର, ନୟନ ନାୟକ, ପ୍ରେମାନନ୍ଦ ଷଣ୍ଢଙ୍କ ସମେତ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପ୍ରମୋଦ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଜନ୍ମସ୍ଥାନ ଗୁରୁପାଲି ଗ୍ରାମରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ସମ୍ବଲପୁର : ଛାତ୍ରାବସ୍ଥାରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୃସିଂହ ଗୁରୁ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସ୍ୱର୍ଗତ ଗୁରୁ ତାଙ୍କ ଜୀବଦ୍ଦଶାରେ ନିଃସ୍ୱାର୍ଥ ଭାବେ ଗରିବ ଓ ବଞ୍ଚିତଙ୍କ ଯେଉଁ ସେବା କରି ଯାଇଛନ୍ତି, ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି ।


ପବିତ୍ର ବକୁଳ ଅମାବାସ୍ୟା ତିଥିରେ ନୃସିଂହ ଗୁରୁଙ୍କ ଜନ୍ମସ୍ଥାନ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ଗ୍ରାମବାସୀ ମାନଙ୍କ ପକ୍ଷରୁ ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଅଧିକାରୀ ତଥା ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସାଙ୍ଗକୁ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ଏବଂ ଆତ୍ମନିର୍ଭରଶୀଳ ହେବାକୁ ଗ୍ରାମବାସୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଏକ ନିପଟ ମଫଃସଲରେ ଜନ୍ମିତ ନୃସିଂହ ଗୁରୁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ଏକ ବିରଳ ଦୃଷ୍ଟାନ୍ତ ବୋଲି କହିଥିଲେ । ଷଡାସିଂହା ଗ୍ରାମର ସମାଜସେବୀ ଶ୍ରୀ କିଶୋର ଛତର ମଧ ଏଥିରେ ଭାଷଣ ଦେଇଥିଲେ । ଶେଷରେ ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।



# ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଏକ ଝଲକ୍

























## ବିଭୂତି ପଟ୍ଟନାୟକ ପାଇଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ସମ୍ବଲପୁର : ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ ୨୦୨୧ ବର୍ଷ ପାଇଁ ଲୋକସଙ୍ଗୀତରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ପାଇଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ଏକ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଶ୍ରୀ ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra